ପରମାର୍ଥୀ~~~~ P.O. Regn. No. CK(C)-51/2019-2021

**ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ**

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ

ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ॐ ପରମାର୍ଥୀ ॐ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

**୭୪ ବର୍ଷ ଗୌରାବ୍ଦ ୫୩୪ କାର୍ତ୍ତିକ ପୂର୍ଣ୍ଣିମା - ନଭେମ୍ବର - ୨୦୨୦ ସଂଖ୍ୟା ୯**

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଗୌଡ଼ୀୟ ଦର୍ଶନ | ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର | ୮ |
| ୩- ଗାନ୍ଧାରୀଙ୍କ ଅଭିଶାପ | ସଦାଶିବ ପଣ୍ଡା | ୧୦ |
| ୪- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୨ |
| ୫- ଗାଁ ଛୋଟି ଓଡ଼ିଶା ଓ ଶ୍ରୀଭକ୍ତି ବିନୋଦ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧୬ |




# ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା

**ଶ୍ରୀ ଭଗବାନଙ୍କର ଅଭୟ ଚରଣ କମଳହିଁ ଶାନ୍ତି, ପ୍ରେମ ଓ ଆନନ୍ଦର ଉତ୍ସ**

(ଶ୍ରୀ ଦୀନେଶ ଚନ୍ଦ୍ର ସେନ, ମହାଶୟଙ୍କ ଗୃହରେ ଶ୍ରୀ ଶ୍ରୀ ମଭାଗତ - ବାଖ୍ୟା)

ସ୍ଥାନ :- ପି ୨୯୬ ଦର୍ଗାରୋଡ଼ ପାର୍କ ସାର୍କସ୍, କଲିକତା, (ଇଂ, ୪/୧/୬୦)

ତାବଭୟଂ ଦ୍ରବିଣଶଦେହ-ସୁଃନ୍ନିମିତ୍ତଂ ଶୋକଃ / ସ୍ପୃହା ପରିଭବୋ ବିପୁଳଶ୍ଚ ଲୋଭଃ ।
ତାବନ୍ମମେତ୍ୟ ସଦବଗ୍ରହ ଆର୍ତିମୂଳଂ ଯାବନ୍ନ / ତେଽଙ୍ଘ୍ରିଂମଭୟଂ ପ୍ରବୃଣୀତଲୋକଃ ।। -(ଶ୍ରୀ ମଭାଗବତ ୩/୯/୬)

**ଅସତ ବସ୍ତୁରେ ମମତ୍ବୋଧ ଯାବତୀୟ ଦୁଃଖର କାରଣ :**

ଯେ ପର୍ଯ୍ୟନ୍ତ ଜୀବ ଶ୍ରୀଭଗବାନଙ୍କର ଅଭୟ ଚରଣକମଳ ବରଣ ନ କରିଛି, ସେ ପଯ୍ୟନ୍ତ ତା'ର ଭୟ, କ୍ଳେଶ, ନାନାପ୍ରକାର ଉଦ୍ବେଗ କଟେନା' ଦେହଜନିତ, ବିଷୟ-ସମ୍ପତ୍ତି ଜନିତ, ଆତ୍ମୀୟସ୍ୱଜନ- ପରିଜନ ନିମିତ୍ତ ଜୀବର

ଯେଉଁ ଭୟ, ତାହା ଦୂରୀଭୂତ ହୁଏନା ଆମର ଦେହ, ସମ୍ପତ୍ତି, ଆମର ଘରବାଡ଼ି, ଆମର ବ୍ୟବସାୟ ବାଣିଜ୍ୟ - ଏଗୁଡ଼ିକ ଯେତେବେଳେ ହରଣ ହୋଇଯାଏ, ସେତେବେଳେ ମନରେ ଭୟ, ଆଶଂକା କିମ୍ବା ତ୍ରାସର ସଞ୍ଚାର ହୁଏ ଏଇ ମମତ୍ୱ ବୋଧହିଁ ଦୁଃଖର କାରଣ ! ମାତାପିତା, ସ୍ତ୍ରୀ, କନ୍ୟା, ବନ୍ଧୁବାନ୍ଧବ ଆମକୁ କେତେ ସ୍ନେହରେ, କେତେ ଯତ୍ନରେ ସେବା ଶୁଶ୍ରୁଷା କରୁଛନ୍ତି; କେତେ ସୁଖ ଦେଉଛନ୍ତି ଯେତେବେଳେ ଭାବନ୍ତି ଏଇ ସୁହୃଦ କେଇ ଦିନ ପାଇଁ- ସେତେବେଳେ ଭୟରେ ଜୀବନଟା ବିଷମୟ ହୋଇଯାଏ ଦେହର ଭୟ, ସମ୍ପତ୍ତିର ଭୟ, ସୁଖର ଭୟ ସର୍ବକ୍ଷଣ ଲାଗି ରହିଛି ଜଗତର ସର୍ବବିଧ ନଶ୍ୱର ପଦାର୍ଥ ପ୍ରତି ମମତ୍ୱବୋଧ ହିଁ ଦୁଃଖର ଏକମାତ୍ର କାରଣ ଏଇ ଜଗତ ସଂଗେ ସମ୍ବନ୍ଧଟି ଯେତେ ପ୍ରିୟ ହେଉନା କାହିଁକି, ଯେତେ ଆଦରଣୀୟ ହେଉନା କାହିଁକି ତାହା ଅନିତ୍ୟ, ତାହା ଅସତ୍। ସୁଷ୍ଠୁରୂପେ ସବୁକିଛି କରିଲେ ମଧ୍ୟ ଏଇ ଜାଗତିକ ସମ୍ବନ୍ଧ ଚିରକାଳ ରହିବ ନାହିଁ। 'ଅସତ୍'-ଶବ୍ଦର ଅର୍ଥ ହେଉଛି ଅନିତ୍ୟ ବା କ୍ଷଣ-ସ୍ଥାୟୀ । 'ଅସତ୍' ଶବ୍ଦର ଅର୍ଥ କେବଳ ଚୋର, ଡ଼କାୟତ, ଇତ୍ୟାଦି ବୁଝାଯାଏନା। ଅନିତ୍ୟବସ୍ତୁର ପ୍ରତି ମମତ୍ୱ-ବୋଧ ବା ଅହଂ ବୋଧକୁହିଁ 'ଅସତ୍' କୁହାଯାଏ। 'ଦେହ ପ୍ରତି ଅହଂବୋଧ, ଦେହ-ସମ୍ବନ୍ଧୀୟ ଆତ୍ମୀୟ ସ୍ୱଜନର ପ୍ରତି ମମତ୍ୱବୋଧ, କନକ କାମିନୀର ପ୍ରତି ଅତ୍ୟାସକ୍ତି - ଏଇ ଅନିତ୍ୟ ସମ୍ବନ୍ଧବୋଧ ଆର୍ତ୍ତିର ମୂଳବୋଧ ମୂଳୀଭୂତ କାରଣ। ଏହା କଦାପି ନିତ୍ୟ ଆନନ୍ଦ ଦେଇପାରେନା। କ୍ଷଣସ୍ଥାୟୀ ବସ୍ତୁର ସଂଗେ ଯେତେବେଳେ ବିଚ୍ଛେଦ ବା Separation ସୁନିଶ୍ଚିତ, ସେତେବେଳେ ତାଠାରେ ମମତ୍ୱବୋଧ ରହିଲେ ଶୋକ ହେବହିଁ ହେବ। ସ୍ୱାସ୍ଥ୍ୟ ବଜାଏ ରଖି ଯେତେ ସାବଧାନେ ଚଳନା କାହିଁକି, ମୃତ୍ୟୁ ଅନିବାର୍ଯ୍ୟ। - ଏ ମୃତ୍ୟୁକୁ କେହି ଠକି ପାରିବ ନାହିଁ। ଏହା ଏକ real fact, ( ବାସ୍ତବ ଘଟଣା), ଅସ୍ୱୀକାର କରିବାର ଉପାୟ ନାହିଁ । ତଥାପି ଏହାଛଡ଼ା ଗତିନାହିଁ, ଏହାର ବିୟୋଗେ ବ୍ୟଥା ଲାଗେ। ଏଇ ବୋଧପାଇଁ ଆର୍ତ୍ତି, ଶୋକ, ଉଦ୍‌ବେଗ ଯେ ଆସିବ, ସେ ବିଷୟେ ସୁନିଶ୍ଚିତ। ତେବେ କି ଏହା ସମ୍ବନ୍ଧେ ଏକ୍‌ବାର ଉଦାସୀନ ହୋଇଯିବା ? ଏକ୍‌ବାର ଉଦାସୀନ ହୋଇ ଘୁରିବୁଲିବା ? ଏକ୍‌ବାର Indifferent (ଉଦାସୀନ) ହେବାକୁ କୁହା ଯାଉନାହିଁ। ପାରିପାର୍ଶ୍ୱିକ ଅବସ୍ଥାରେ ପଡ଼ି ତୁମେ ଯେଉଁ ମାୟିକ ସମ୍ବନ୍ଧେ ଜଡ଼ିତ ହୋଇପଡ଼ିଛ; ତାର ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହେବାକୁ ଯେଉଁଭଳି କୁହାଯାଉନାହିଁ, ସେହିଭଳି ଚିର କାଳଯେ ଏହା ରହିବ, ଏହାକୁ ନେଇ ଘରସଂସାର କରିବ - ଏ ବୋଝଟା ଛାଡ଼ିବାକୁ କୁହାଯାଉଛି। ଯାହାର ଅଧିକାର ଅଛି, ସେ ଏ ବନ୍ଧନକୁ ତୁଚ୍ଛ କରି ଯାଇପାରେ। କିନ୍ତୁ ଯାହାର ଏ କ୍ଷମତାନାହିଁ; ସେକି ଏହି ଅସଦବସ୍ତୁକୁ ଜାବୁଡ଼ି ଧରିବସି ରହିବ ?

ଔଦାସୀନ୍ୟ ଦୋଷାବହ, ଆଉ ଅତ୍ୟାସକ୍ତି ଦୂଷନୀୟ ନୁହେଁ ? "ବୈରାଗ୍ୟ କଥା ଶୁନ୍‌ଲେ "ଆଁତ୍‌କେ ଉଠେ", କିନ୍ତୁ ଅତ୍ୟାସକ୍ତିତେ କଇ ଚଟୋନାତ ?" ଅସତ୍ ବିଷୟେ ମମତ୍ୱବୋଧ ହିଁ ଜୀବର ଆର୍ତ୍ତିର ମୂଳକାରଣ। ପୃଥିବୀରେ ଠିକ୍ ପଥରେ ଚଳିବାକୁ ହେଲେ ପିତାମାତା, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନ ସଂଗେ ଯାହା ନ କରିଲେ ନ ହୁଏ, ସେଇଟି କରିବାକୁ ହେବ। ଚିରକାଳର ପିତାମାତା, ଜନ୍ମଜନ୍ମାନ୍ତର ପୁତ୍ର ପରିବାର - ଏଭଳି ମନେକଲେ ଦୁଃଖ ଅନିବାର୍ଯ୍ୟ। କାରଣ ଏହା ଭୁଲ୍, ଏହା ମିଥ୍ୟା, ମୋହ, ପୁତ୍ରଟି ବୁକୁର ଧନ ହେଲେ ହେଁ ଅନିତ୍ୟ। ଏଇ ପୁତ୍ର ପାଇଁ black marketing (କଳାବଜାରୀ) କରି, ଜୁଆ, ଚୋରି କରି, ଅନ୍ୟାୟ ଅସତ ପଥରେ କେତେ ଟଙ୍କା ସଞ୍ଚୟ କରି ରଖିଯାଏ; ଅଥଚ ଏଇ ପୁଅଟି କେତେବେଳେ ଯେ ପୃଥିବୀରୁ ଚାଲିଯିବ, ତାର କୌଣସି ଠିକ୍ ନାହିଁ କିମ୍ବା ତୁମେବି ଆଗରୁ ଚାଲିଯିବ। ଅନିତ୍ୟର ସଂଗେ ନିତ୍ୟ ସଂବୋଧ ବୋଧହି ସମସ୍ତ miseries (ଦୁଃଖ) ମୂଳ କାରଣ। ଅକାରଣ ମମତ୍ୱବୋଧ ହିଁ ମହାଭୁଲ; ଏ ଭୁଲର ଶାନ୍ତି ହେଉଛି ଆର୍ତ୍ତି। ଦେହ, ସୁହୃଦ୍, ଦ୍ରବିଣ ଇତ୍ୟାଦିର ପ୍ରତି

ଆତ୍ମବୋଧହିଁ ଦୁଃଖକର, ଉଦ୍‌ବେଗଜନକ। ଯେ ଭାବେ ଏ ସଂସାରକୁ ଆସି ପଡ଼ିଛ, ସେ circumstances (ଅବସ୍ଥା) କୁ Face (ସାମନା) କର। ବାଡ଼ାବାଡ଼ି କରନା। ବୁକୁର ଧନ ପୁତ୍ରକୁ ପାଳନ କରିବା ନିମିତ୍ତ, ଅସତ୍, ଅନ୍ୟାୟ କାର୍ଯ୍ୟମଧ୍ୟକୁ ଯାଅନା। ନାବାଳକ ପିଲାକୁ ଯେତେଟା ଦେଖାଶୁଣା କରିବା ପ୍ରୟୋଜନ; ସେତିକିଟା କର। ଯା' ପାଇଁ ଏତେ ଦୁଃଖ କଷ୍ଟ କରୁଛ, ହୁଏତ ସେ ଚାଲିଯିବ, ନତୁବା ତାକୁ ରଖି ତୁମେ ଚାଲିଯିବ। ଅସତ ବିଷୟେ ଅତ୍ୟାସକ୍ତି ବଶତଃ ପରିଭବ ଅର୍ଥାତ ତିରସ୍କାର ଭୋଗ ଅନିବାର୍ଯ୍ୟ ।

କାମାଦୀନାଂ କତି ନ କିତିଧା ପାଳିତା ଦୁର୍ନିଦେଶା-/ ସ୍ତେଷାଂ ଜାତା ମୟି ନ କରୁଣା ନ ତ୍ରପା ନୋପଶାନ୍ତି
ଉତ୍‌ସୃଜ୍ୟୈତାନାଥ ଯଦୁପତେ ସାମ୍ପ୍ରତଂ ଲବ୍ଧବୁଦ୍ଧି -/ ସ୍ତ୍ୱାମାୟାତଃ ଶରଣମଭୟଂ ମାଂ ନିଯୁଙ୍କ୍ଷ୍ୱାତ୍ମଦାସ୍ୟେ ॥
(ଶ୍ରୀ ଚୈ.ଚ.ମ. ୨୨/୧୬/ପୟାରଧୃତ
(ଶ୍ରୀ ଭକ୍ତିରସାମୃତ ସିନ୍ଧୁ ବଚନ ୩/ ୨/୬)

କାମନା-ବାସନା Aspiration ଆକାଂକ୍ଷା ପରିଣାମେ ଦୁଃଖଜନକ। ଧନୀ ହେବି, ବିଦ୍ୱାନ ହେବି, ଯଶ ପ୍ରତିଷ୍ଠା ଅର୍ଜନ କରିବି; ନିଜେ ଭୋଗ କରିବି, ପୁତ୍ର ପୌତ୍ରାଦିର ନିମିତ୍ତ ରଖିଯିବି। ଏ ରକମ ବାସନା Worldly Aspiration (ପାର୍ଥିବ ଆକାଂକ୍ଷା) ଏହା ମଧ୍ୟେ ଦୁଃଖ ଅନୁସ୍ୟୂତ ରହିବ। ଦୂର ନିର୍ଦ୍ଦେଶ ପଥରେ ମଣିଷର ଯାତ୍ରା ପାଗଳାମି ଛଡ଼ା କିଛିନୁହେଁ। ପୁରୁଷାକାରରେ କ'ଣ ନହୁଏ ? ଏ ଧାରଣାର ବଶବର୍ତ୍ତି ହୋଇ ମଣିଷ ଜଡ଼ିତ ହୋଇପଡ଼ିଛି କାମନା ବାସନାର ଜାଲରେ। କିନ୍ତୁ ଏହାର ଫଳ ବା ପରିଣାମ କ'ଣ ? ମଣିଷକି ଏକଥା ଚିନ୍ତାକରେ ? ଯେଉଁବାସନା ପାଇଁ ଏତେଦୁଶ୍ଚିନ୍ତା, ଏତେ ପରିଶ୍ରମ କରୁଛି; ସେ ବାସନାଗୁଡ଼ିକ ବା ସେ ଉଦ୍ୟୋଗ କାମନା ଗୁଡ଼ିକର କୌଣସି ଦୟା କି ମାୟା ଅଛି ? ସେଗୁଡ଼ିକ Relentlessly (ନିର୍ଦ୍ଦୟଭାବେ) ରକ୍ତ ଶୋଷଣ କରୁଛନ୍ତି। ଏତେ କରି ମଧ୍ୟ ଆମକୁ ନିସ୍ତାର ଦେଉନାହାନ୍ତି। ବାସନାର ମଧେ ଶାନ୍ତି ବା ଆନନ୍ଦ ନାହିଁ। ବାସନାର Gratification (ପୂର୍ତ୍ତି) କଦାପି ଶାନ୍ତି ଦେଇପାରେନା। ଏତେ ଚେଷ୍ଟାକଲି, ମୁଣ୍ଡ ଘୂରିଗଲା କିନ୍ତୁ ଲାଭତ ହେଲାନି। ଏଇ ବାସନାର କୌଣସି ଉପଶମ ତ ହେଲାନାହିଁ, ଅଗ୍ନିରେ ଯେପରିଘିଅ ଢ଼ାଳିଲେ ଜଳିଉଠେ, ବାସନା ମଧ୍ୟ ସେହି ଭଳି ସୁଯୋଗ ପାଇଲେ ଦାଉ ଦାଉ କରି ଜଳି ଉଠେ। "ଆରୋଚାଇ, ଆରୋଚାଇ, ଆରୋଚାଇ" ଏ ନିର୍ଦ୍ଦୟ ବାସନା ଜାଲଠାରୁ ନିର୍ବାଣ, ମୁକ୍ତି ବା ଅବ୍ୟାହତି ମିଳିପାରେନା। ମଣିଷ ଯେତେ ଅର୍ଥ ସଂଚୟ କରେ, ସେତେ ତାର ଅର୍ଥ ପିପାସା ବଢ଼ିଯାଏ। ଯେତେ ବିଦ୍ୟା ଅର୍ଜନ କରେ, ସେତେ ବିଦ୍ୟା ଅର୍ଜନର ବାସନା ବଢ଼ିଚାଲେ। ଲୋଭ, ପ୍ରତିଷ୍ଠା, କାମନା ସବୁହିଁ କ୍ରମାଗତ ବଢ଼ିଚାଲେ । ଏହାର କୌଣସି ସୀମାନାହିଁ; ତୃଷ୍ଣାର ଅବଧି ନାହିଁ। କାମନାର ପୂର୍ତ୍ତି ହୁଏନା, ଶେଷ ମଧ୍ୟ ହୁଏନା କୋଟିପତି ହେବାର ଇଛା, ବିରାଟ ପାଣ୍ଡିତ୍ୟ ଅର୍ଜନର ଇଛା - ଏହାର କୌଣସିଟିର ଶେଷନାହିଁ। ଏ ରକମ କରି ଯଦି ଚାଲିଥିବା, ତେବେ ଶେଷ କେଉଁଠି ? "Where is the end of it?" ଏଇ ବାସନାର ଜାଲ ପୂନଃ ପୂନଃ ଜନ୍ମ ମୃତ୍ୟୁ, କ୍ଳେଶ ଓ ଦୁଃଖର କାରାଗାରେ ନିକ୍ଷେପ କରେ।

**ଶ୍ରୀ ଭଗବାନଙ୍କର ଅଭୟ ଚରଣକମଳହିଁ ପ୍ରେମ ଓ ଆନନ୍ଦର ଉତ୍ସ :**

ଜୀବ ଯେତେବେଳେ ଶ୍ରୀ ଭଗବାନଙ୍କର ଅଭୟ ଚରଣ କମଳ ବରଣ କରେ, ସେତେବେଳେ ସେ ହୁଏ ଶାନ୍ତ।

"ଅଶୋକ-ଅଭୟ, ଅମୃତ ଆଧାର / ତୋମାର ଚରଣ ଦ୍ୱୟ ।" (ଶରଣାଗତି)

ତୁମର ଏପରି ଚରଣ କମଳରେ ଆଶ୍ରୟ ନେଲେ ମନୁଷ୍ୟ ଚିରଶାନ୍ତି ଲାଭ କରିପାରେ। ଧନ ଜନ ବିଦ୍ୟା କବିତା ସୁନ୍ଦରୀର ଚେଷ୍ଟା କଲେ ଭୟ, କ୍ଲେଶ, ଉଦ୍‌ବେଗ ବଢ଼ିଯାଏ ! ଅଭୟ କିମ୍ବା ଶାନ୍ତିର ଉପାଦାନ ଏଥିରେ ନାହିଁ। ଶ୍ରୀ ଭଗବାନଙ୍କର ଚରଣ କମଳ ହିଁ ଆନନ୍ଦର ଉତ୍ସ ଶାନ୍ତିର ନିର୍ଝରିଣୀ। ପ୍ରଚୁର ଅର୍ଥରେ ଅଭୟ ଓ ଶାନ୍ତି ଆସେନା, ଭୟ ନିବୃତ୍ତି ହୁଏନା। ଟଙ୍କାଯାହାର ନାହିଁ, ସେ ମଧ୍ୟ ଶାନ୍ତି ପାଉନାହିଁ, ଟଙ୍କା ଯାହାର ଅଛି, ତାର ମଧ୍ୟ ଶାନ୍ତି ନାହିଁ । ଧରାଯାଉ United States of America - ତାର ପ୍ରଚୁର ଅର୍ଥ ଶାନ୍ତି ପାଉଛି ? - ଋଶିଆ ଆମେରିକାର ଦ୍ୱନ୍ଦ ଲାଗିଛି। ସମଷ୍ଟି ଗତ ଭାବେ ଯେଭଳି ସତ୍ୟ, ସେହି ଭଳି Individual ବା ବ୍ୟକ୍ତିଗତ ଭାବେ ଏହା ସତ୍ୟ। ଟଙ୍କା, ଧନ, ଜନ, ମାନ, ସୁନ୍ଦରୀ କବିତା ଆମକୁ ଶାନ୍ତି ଦେଇ ପାରେନା ଏହା ଭିତରେ ଶାନ୍ତି ନାହିଁ - ଜଳକୁ ଯେତେ ମନ୍ଥନକର ଲହୁଣିଉଠିବ ନାହିଁ, କିନ୍ତୁ ଦହିକୁ ମନ୍ଥନ କଲେ ଲହୁଣି ଉଠିବ। ଶ୍ରୀଭଗବାନଙ୍କର ଚରଣକମଳ ଆଶ୍ରୟ ନକରିବା ପର୍ଯ୍ୟନ୍ତ କ୍ଲେଶର ଅତ୍ୟାନ୍ତିକ ନିବୃତ୍ତି ହୁଏନା ଯଦି ସମସ୍ତ miseries (ଦୁଃଖ)ର Radical Solution ମୂଳ ସମାଧାନ ଋହଁ, ତାର ଏକମାତ୍ର ଔଷଧ ହେଉଛି ଭଗବାନଙ୍କର ପାଦପଦ୍ମ। ଭଗବାନଙ୍କର ନିକଟରେ ମଥାନତ କର, ସଙ୍ଗେ ସଙ୍ଗେ ଆନନ୍ଦ ପାଇବ, ଶାନ୍ତି ପାଇବ, ତପ୍ତପ୍ରାଣ ଶୀତଳ ହୋଇଯିବ। ଭଗବାନଙ୍କର ଶ୍ରୀପାଦପଦ୍ମ ଭଜନେ, ସ୍ମରଣେ, ମନନେ, ଶ୍ରବଣ କୀର୍ତ୍ତନେ, ସ୍ତୁତି ବନ୍ଦନାରେ ଅମର ଶାନ୍ତି ବିରାଜ କରେ। ଭଗବାନଙ୍କର ଆଶ୍ରୟ ନେଲେ ଯାବତୀୟ ଉଦ୍‌ବେଗ, ଭୟ ଦୂର ହୋଇଯାଏ; ଜୀବନରେ ଫେରି ଆସେ ଶାନ୍ତି ଆନନ୍ଦର ପ୍ଲାବନ; ଶୁଷ୍କ ଜୀବନ ଭରିଯାଏ ସାର୍ଥକତାରେ। ଯୁକ୍ତିତର୍କ ଝଗଡ଼ାର ବିଷୟ ନୁହେଁ, ଏଟା ଗୋଟିଏ real fact (ବାସ୍ତବ ଘଟଣା) Scientific truth (ବୈଜ୍ଞାନିକ ସତ୍ୟ) ଭଗବାନଙ୍କ ଚରଣ କମଳରେ Reliance ବା ନିର୍ଭରତା ଆସିଲେ ଶାନ୍ତି ଓ ଆନନ୍ଦ ଆସିବ ହିଁ ଆସିବ। ନିଜର ବୁଦ୍ଧିମତ୍ତା, ଶକ୍ତି ଓ ସାମର୍ଥ୍ୟ ଉପରେ ନିର୍ଭର ନକରି ଶ୍ରୀ ଭଗବାନଙ୍କର ଇଚ୍ଛା ଉପରେ ନିର୍ଭର କରିବା ଯୁକ୍ତି ଯୁକ୍ତ। ଯେତେଦିନ ପର୍ଯ୍ୟନ୍ତ ପୁରୁଷାକାର ଉପରେ ବିଶ୍ୱାସ ଥାଏ, ସେତେଦିନ ପର୍ଯ୍ୟନ୍ତ ଏଇ ନିର୍ଭରତା, ଏଇ ବିଶ୍ୱାସ ଆସେନା ନିଜର ଚେଷ୍ଟା ଚରିତ୍ର ଯେତେବେଳେ ଶାନ୍ତି ଦେଇ ପାରୁନାହିଁ; ଯେତେବେଳେ ମନେହୁଏ ଜୀବନର ତରୀଟି ଏଥର ବୁଡ଼ିଯିବ; ଆହୁଲାରେ ପାଣି ଲାଗୁନାହିଁ - "ହାଲେଆର ପାନି ପାୟୋଯାଛେନା"

ଏ experience (ଅଭିଜ୍ଞତା) ବା ଏ ଅନୁଭୁତିଟା ଯେତେବେଳେ ଆସେ, ସେତେବେଳେ ହିଁ ଶ୍ରୀଭଗବାନଙ୍କ ଠାରେ ଶରଣାଗତ ହେଲେ ଶାନ୍ତି ପାଇବ। Worldly Aspiration (ପାର୍ଥିବ ଆକାଂକ୍ଷା) ହଳାହଳ ହୋଇଉଠିବ। ଜୀବନର ବିଫଳତା, ନୈରାଶ୍ୟ ଦୁଃଖଦ୍ୱନ୍ଦ ଅନାଦର, ଅଶାନ୍ତି, ମଦମାତ୍ସର୍ଯ୍ୟ କ୍ରମାଗତ ପଥହରା କରିଋଲିଛି। କେଉଁଠିକି ଯିବି, କେଉଁଠି ପାଇବି ଶାନ୍ତିର ପରଶ । ସେତେବେଳେ ଯାଗେ ଶ୍ରୀଭଗବୀନଙ୍କର ନାମ, ରୂପ, ଗୁଣ, ଲୀଳା, ପରିକର, ତାଙ୍କ ପଦକମଳହିଁ Salace (ଶାନ୍ତ୍ୱନା)ର ସ୍ଥାନ। ସେ ଏକମାତ୍ର Source of Joy (ଆନନ୍ଦର ଉତ୍ସ); ଏହା କବିର କାବ୍ୟନୁହେଁ, କଳନା ନୁହେଁ; ଶାସ୍ତ୍ରର ଏହି ବାଣୀ ଠକିବା ନିମିତ୍ତ Parade (ବାରମ୍ବାର) (ଉଚ୍ଚାରଣ) କରାଯାଏ ନାହିଁ। ତିକ୍ତ ଅଭିଜ୍ଞତାରେ ଯେତେବେଳେ ମନ ପ୍ରାଣ ଦଗ୍ଧ ହୋଇଯାଏ, ମୁଁ ଆଉ ପାରୁନାହିଁ; ସେତେବେଳେ କହିବାକୁ ହେବ ଜୀବନର ଶୁଭ ମୁହୂର୍ତ୍ତ। ଭଗବତ୍ କୃପାରୂପେ ଏଇ Shock (ଆଘାତ) ଏଇ ଧୋକ୍କା ଜୀବନର ଗତି ପରିବର୍ତ୍ତନ କରିଦିଏ । ଶାନ୍ତିର ଅଭାବରୂପ ମୁହୂର୍ତ୍ତ, କୃପା ବରଣର ଉପଯୁକ୍ତ platform (କ୍ଷେତ୍ର)। କାହାକୁ ଋହୁଁଛି କାହାକୁ ଧରିବି, ଚକ୍ଷୁର ସାମ୍‌ନେ ସେତେବେଳେ ଦଣ୍ଡାୟମାନ ହେବେ ମୋହନ ମୂରଲୀଧାରୀ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର।

ଅତୁଟ ସ୍ୱାସ୍ଥ୍ୟ ବିପୁଳ ଅର୍ଥ ବିରାଟ ପ୍ରତିଷ୍ଠା ଶାନ୍ତି ଦେଇପାରେନା। ଲୋକେ ଭଗବାନଙ୍କ ଭଜନ କରେ କାହିଁକି ? ଶାନ୍ତି ପାଇଁ, ଏଟା ଜୀବର ସ୍ୱାର୍ଥ। ବିଭୁର ପାଦପଦ୍ମ ହିଁ ଶାନ୍ତିର ଆଧାର। ତା ଠାରୁ ଯେତେ ଦୂରରେ, ସେତେ ଅଶାନ୍ତ । ଯେ ଯେତେ ନିକଟରେ ସେ ସେତେ ଶାନ୍ତ। ଶ୍ରୀଧର ଠାକୁର ମୂର୍ଖ ଦରିଦ୍ର ଦୁଇବେଳା ଅନ୍ନ ଯୁଟେନା। ତଥାପି ଆନନ୍ଦରେ ଧେଇଧେଇ କରିନାଚେ; ଅଥଚ ଦଶତାଲା ଉପରେ ଶାୟିତ ବାବୁ ବିନିଦ୍ର ରଜନୀ ଯାପନ କରେ। ଦୀର୍ଘଶ୍ୱାସ ନିଏ, ବୁକୁ ହାହାକାରରେ ଭରିଯାଏ; କାରଣ ସେ ନିରୀଶ୍ୱର, ଭଗବାନଙ୍କ ନିକଟରେ ଶରଣାଗତି ନାହିଁ ପୁନଶ୍ଚ ଯାର - ଦୌଲତ ନାହିଁ, ଘରବାଡ଼ୀ ନାହିଁ ।

ସେ ଦିନ ଈଶ୍ୱର ବିଶ୍ୱାସୀ ହୋଇ ପ୍ରକୃଷ୍ଟ ରୂପେ ତାଙ୍କୁ ବରଣ କରେ; ତା ହେଲେ ସେ ସୁଖ ଶ୍ରୀମଦ୍ଭାଗବତ ତାର ସ୍ୱରେ କୀର୍ତ୍ତନ କରିଛନ୍ତି - ଭଗବାନଙ୍କର ଚରଣକମଳ ଠାରୁ ଯେତେଦୂରେ ଅବସ୍ଥାନ କରିବ, ସେତେ ଅଶାନ୍ତ । ତାଙ୍କ ଭଜନରେ ସ୍ମରଣରେ ଓ ମନନରେ ଆନନ୍ଦ ମିଳେ। ପୃଥିବୀର ଲୋକ ଜର୍ଜରିତ ହୋଇ ପଡ଼ିଛନ୍ତି। ଆମେରିକାକୁ ରସିଆ ଭୟକରେ। ପୁନଶ୍ଚ ରସିଆକୁ ଆମେରିକା ଭୟକରେ। Nuclear Weapon (ଆଣବିକ ଅସ୍ତ୍ର) Rocket ଇତ୍ୟାଦି କେତେ ତିଆରି ହୋଇଛି। ତଥାପି ସେମାନଙ୍କର ଭୟଗଲା କି ? ରକେଟ୍‌ର ଯେତିକି ବେଗ, ତାଠାରୁ ବେଶିବେଗ ସେମାନଙ୍କର ଭୟର। ଚାରିଦିଗରୁ ଆତଙ୍କ ଓ ବିଭିଷିକାର କଳରୋଳ - ରାଷ୍ଟ୍ରଗତ ବ୍ୟାପାରେ ଏହା ଯେଭଳି ସତ୍ୟ ବ୍ୟକ୍ତିଗତ ବ୍ୟାପାରେ ମଧ୍ୟ ସେଭଳି ସତ୍ୟନୁହେଁ। ଆହୁରି ଯେ ଭଗବାନଙ୍କର ଶରଣାଗତ ତାକୁ ଦୁର୍ଭିକ୍ଷ, ଜଳପ୍ଲାବନ, ରକେଟର ଦୃତଗତି Nuclear Weapon କିଛି ହିଁ ତାର ଆନନ୍ଦ ନଷ୍ଟ କରି ପାରେନା ଅଶାନ୍ତିର ସ୍ତୁପକୁ ସେ ଛାଇ କରିଦେବେ। ମର୍ତ୍ତ୍ୟବାସୀ plan (ଯୋଜନା) କରୁଛି ଶାନ୍ତିର ନିମିତ୍ତ, ଯାହାକିଛି କରୁ ନିସ୍ତାର ନାହିଁ। ଛୁଟାଛୁଟି ନକରି "ପ୍ରଭୁମୋର ଶରଣ୍ୟ, ବରଣ୍ୟ, ମୋର ଆଶ୍ରୟ; ତୁମ୍ଭଛଡ଼ା ଆଉ କିଛି ଯାଣେନା। ତୁମେ ପାଳକ, ତୁମେ ହିଁ ପିତା, ବନ୍ଧୁ, ସଖା"। ନିଜର ବାହାଦୁରି ଛାଡ଼ି, ନିଜର, ପ୍ରଚେଷ୍ଟା ପରିତ୍ୟାଗ କରି ସମ୍ପ୍ରତିଲବ୍ଧ ତିକ୍ତ ଅଭିଜ୍ଞତାର ପରେ ତୁମର ଚରଣରେ ଆଶ୍ରୟ ଦିଅ, ତୁମର ଚାକିରିରେ ମତେ ନିଯୁକ୍ତ କର, ତୁମର ଚରଣ କମଳର ସେବାରେ ମତେ ନିୟୋଗ କର । ଧନ, ମେଧା, ବଳ ସବୁ କିଛି ତୁମର ଚରଣରେ ସମର୍ପଣ କରି ତୁମର ଚରଣ କମଳର ସେବାଦିଅ। ତୁମର ଦାସ୍ୟ ତୁମର ପରିଚର୍ଯ୍ୟାରେ ଅଛି କେବଳ ଆନନ୍ଦ! ଆନନ୍ଦ! ଆନନ୍ଦ! ତୁମର ଦର୍ଶନେ, ତୁମର ଅର୍ଚନେ, ତୁମର ସ୍ପର୍ଶନେ, ଶ୍ରବଣ କୀର୍ତ୍ତନେ - ପୂଜାରେ କେବଳ ଆନନ୍ଦ। କିନ୍ତୁ ମାୟାର ଚାକିରୀରେ କେବଳ ନିରାନନ୍ଦ। ପ୍ରଭୁଙ୍କ ନାମ ଗାଇ, କୌଣସି ଚିନ୍ତାନାହିଁ। ଦୁର୍ଭିକ୍ଷ ଆସୁ, ଜଳପ୍ଲାବନ ଆସୁ, ବେଶ ଭଲରେ ରହେ ତାର ଚରଣ କମଳରେ । ଏହା ଆଶ୍ଚର୍ଯ୍ୟ ମନେ ହୋଇପାରେ - କିନ୍ତୁ ଏହା ବାସ୍ତବ ସତ୍ୟ। ଏହି ସକୁଣ୍ଠ ଜଗତେ ତାର କଥା ଶ୍ରବଣେ, ବନ୍ଦନେ, କୀର୍ତ୍ତନେ ବୈକୁଣ୍ଠକୁ ଚାଲିଯାଏ; ଭୂଲ ହୋଇଯାଏ ସମସ୍ତ ପୃଥିବୀ ।

ତୁମର କଥା-କୀର୍ତ୍ତନର ସୁଯୋଗ ଦିଅ;
ହେ ଦୟାଲ ଠାକୁର! ତୁମର କଥାରେ, ତୁମର ଗାନେ ମାତିବାକୁ ଦିଅ - କେବଳ ଗାଓ କେବଳ ନାମକର; କେବଳ ପୁଜା କର ତେବେ ହିଁ ଆନନ୍ଦ ପାଇବ - ଏଇ ସିଦ୍ଧାନ୍ତ । ଜଗତ ଲୋକଙ୍କୁ ଶ୍ରୀମଦ ଭାଗବତ ଉଚ୍ଚସ୍ୱରେ ଚିତ୍କାର କରି କହିଛନ୍ତି - ଏଇ ଶିକ୍ଷାଧାରାର ଉପରେ ଜୀବନଯାପନ କର, ତେବେ ହିଁ ଆନନ୍ଦ ପାଇବ ! ଏକଥା ଯଦି ହୃଦୟରେ ଅନୁଭବ କରେ, ତେବେହିଁ ତାର ଦୁଃଖର ଅବସାନ - ଆନନ୍ଦମୟ ପଥରେ ଯାତ୍ରା ଆରମ୍ଭ ହେବ। ***

# ଗୌଡ଼ୀୟ ଦର୍ଶନ

*(ପୂର୍ବ ପ୍ରକାଶିତ ଉତ୍ତାରୁ....)* **ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର**



ନିରୀଶ୍ୱର ବାଦୀ ସାଂଖ୍ୟକାର କପିଳ ଦେବଙ୍କ ଦର୍ଶନରେ ପ୍ରକୃତିକୁ ଜଗତ୍ କାରଣ କୁହାଯାଇଛି । ସେଠାରେ ସୁଖ-ଦୁଃଖର କଥା ରହିଛି ମାତ୍ର । ପତଞ୍ଜଳିଙ୍କ ପାତଞ୍ଜଳ ଦର୍ଶନରେ କଳ୍ପନାମୟ ଈଶ୍ୱରଙ୍କୁ ସ୍ୱରୂପତତ୍ତ୍ୱ ବୋଲି ସ୍ୱୀକାର କରା ହୋଇଛି କିନ୍ତୁ ଯମ, ନିୟମ - ପ୍ରାଣାୟାମାଦି ଅଷ୍ଟାଙ୍ଗ ଯୁକ୍ତ- ସାଧନରେ ଦେହାରା ମିତା ହିଁ ମୁଖ୍ୟ । ଗୌତମଙ୍କ ନ୍ୟାୟସୂତ୍ର ଷୋଡ଼ଶ ପଦାର୍ଥର ବିଚାରମୟ । ଏଠାରେ ଆତ୍ମା-ପରମାତ୍ମା ସ୍ୱୀକୃତ ହେଲେ ମଧ୍ୟ ପରମାଣକୁ ହିଁ ବିଶ୍ୱର କାରଣ ବୋଲି କୁହାଯାଇଛି । ବେଦର ନିନ୍ଦା ଏଠାରେ ରହିଛି । ଜୈମିନୀଙ୍କ ପୂର୍ବମିମାଂସା ବେଦର କର୍ମକାଣ୍ଡୀୟ ସୂତ୍ରର ବିଚାର ପ୍ରଧାନ ଏଠାରେ ଈଶ୍ୱରଙ୍କୁ କର୍ମର ଅଙ୍ଗ କରାହୋଇଛି - ଏଇଟି ଜଡ଼ବାଦ । କଣାଦ ଋଷିଙ୍କ ବୈଶେଷିକ ଦର୍ଶନ ଜଡ଼ ତତ୍ତ୍ୱଜ୍ଞାନକୁ ନେଇ ଚର୍ଚ୍ଚା । ଦ୍ରବ୍ୟ, ଗୁଣ ଓ କ୍ରିୟା ବିଷୟକ ଧର୍ମର ଆଲୋଚନା ଏଠାରେ ମୁଖ୍ୟ । ପରମାଣୁ ବାଦ ପୁରାପୁରି ନାସ୍ତିକ ଦର୍ଶନ । ଏହା ଉପରେ ମାୟାବାଦୀଙ୍କ ଦର୍ଶନରେ ନିବିଶେଷ ବ୍ରହ୍ମ ହିଁ ଜଗତ୍ କାରଣ । ଅଷ୍ଟବକ୍ରାଦି ମୁନି ଏଇ ମତର ଅନୁସରଣ କରିଛନ୍ତି । ଶିବାବତାର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଈଶ୍ୱର ଆଜ୍ଞାରେ ପ୍ରଚାରିତ ବେଦର କଳ୍ପିତ ଅର୍ଥ ନେଇ ଏ ମତବାଦ । ଏହାକୁ ପ୍ରଚ୍ଛନ୍ନ ବୌଦ୍ଧ ବାଦ ମଧ୍ୟ କୁହାଯାଏ । ବେଦ ବ୍ୟାସ ଏଇ ଷଡ଼ଦର୍ଶନର ଛଟି ମତ ଉତ୍ତମ ରୂପେ ଆଲୋଚନା କରି ସେଇ ସେଇ ମତ ଖଣ୍ଡନ ପୂର୍ବକ ବେଦାନ୍ତ ସୂତ୍ର ରଚନା କରନ୍ତି । ବେଦାନ୍ତ ମତରେ ବ୍ରହ୍ମ ସଚ୍ଚିଦାନନ୍ଦ ସ୍ୱରୂପ, ସାକାର । ଶ୍ରୀ ଚୈତନ୍ୟ ଚରିତାମୃତାଦ ଗ୍ରନ୍ଥରେ ସଂକ୍ଷେପରେ ଏମାନଙ୍କ ବିଚାର ଦେଖା ହୋଇଛି । ଯଥା-

ମୀମାଂସକ କହେ- 'ଈଶ୍ୱର ହୟ କର୍ମେର ଅଙ୍ଗ' ।
'ସଂଖ୍ୟା' କହେ - 'ଜଗତେର ପ୍ରକୃତି କାରଣ-ପ୍ରସଙ୍ଗ' ॥
'ନ୍ୟାୟ' କହେ - 'ପରମାଣୁ' ହଇତେ ବିଶ୍ୱହୟ ।
'ମାୟାବାଦୀ' ନିର୍ବିଶେଷ - ବ୍ରହ୍ମେହେତକୟ ।
'ପାତଞ୍ଜଳି' କହେ - 'ଈଶ୍ୱର ହୟ ସ୍ୱରୂପ ଜ୍ଞାନ' ।
ବେଦମତେ କହେ ତାଁରେ ସ୍ୱୟଂ ଭଗବାନ ॥
'ବେଦାନ୍ତ' ମତେ - ବ୍ରହ୍ମ 'ସାକାର' ନିରୂପଣ ।
ନିର୍ଗୁଣ ବ୍ୟତିରେକେ ତିଁହୋ ହୟତ' ସଗୁଣ ॥
ପରମ କାରଣ ଈଶ୍ୱର କେହ ନାହିଁ ମାନେ ।
ସ୍ୱ ସ୍ୱ ମତ ସ୍ଥାପେ ପର ମତେର ଖଣ୍ଡନେ ॥ (ଚୈ:ଚ: ମଧ- ୨୫, ୫୦-୫୨, ୫୪-୫୫)

ବେଦାନ୍ତ ସୂତ୍ରର ଅକୃତ୍ରିମ ଭାଷ୍ୟସ୍ୱରପ ଶ୍ରୀମଦ୍ଭାଗବତରେ ଈଶ୍ୱର ତତ୍ତ୍ୱର ନାମ, ରୂପ, ଗୁଣ, ଲୀଳାର ଚମତ୍କାରିତା ପ୍ରଦର୍ଶିତ ହୋଇଛି । ଶ୍ରୀମନ୍ ମହାପ୍ରଭୁ ଗ୍ରନ୍ଥ ଚୂଡ଼ା ମଣି ଭାଗବତର ସାର କଥା ନେଇ ଗୌଡ଼ୀୟ ଦର୍ଶନ ପ୍ରଚାର

କରିଛନ୍ତି । ତାଙ୍କର ଅନୁଗତ ଶ୍ରୀଳ ଜୀବ ଗୋସ୍ୱାମୀ ଷଟ୍‌ସନ୍ଦର୍ଭ ଓ ସର୍ବସମ୍ବାଦିନୀକାର – ଏଇ ହିଁ ଗୌଡ଼ୀୟ ଦର୍ଶନର ଦାର୍ଶନିକ ଗୁରୁ । ଶ୍ରୀଳ ବଳଦେବ ବିଦ୍ୟା-ଭୂଷଣ ଗୌଡ଼ୀୟ ଭାଷ୍ୟ ରଚନା କରି ତା'ର ପୁଷ୍ଟି ବିଧାନ କରିଛନ୍ତି । ତେଣୁ ଆଜି ଗୌଡ଼ୀୟ ଦର୍ଶନର କଥା ଆମ୍ଭମାନଙ୍କର ଜାଣିବାର ଭାଗ୍ୟ ହୋଇଛି ।

**ଗୌଡ଼ୀୟ ଦର୍ଶନରେ 'ବଗ୍ରହ ସେବା' :-**

ଗୌଡ଼ୀୟମାନଙ୍କର ବିଗ୍ରହ ସେବା ସାକ୍ଷାତ୍ ଜ୍ଞାନରେ ସେବା । ଏଠାରେ ପୌତ୍ତଳିକତା ଅର୍ଥାତ୍ ମୂର୍ତ୍ତ ପୂଜାର ନ୍ୟାୟ କୌଣସି ଆବାହନ ବିସର୍ଜନର ବ୍ୟାପାର ନାହିଁ । "ପ୍ରତିମା ନହ ତୁମି ସାକ୍ଷାତ୍ ବ୍ରଜେନ୍ଦ୍ର ନନ୍ଦନ"- ଏଇ ଭାବନେଇ ଗୌଡ଼ୀୟମାନଙ୍କର ବିଗ୍ରହ ସେବା । "ପ୍ରାକୃତ କରିୟାମାନେ ବିଷ୍ଣୁ କଳେବର । ବଷ୍ଣୁନିନ୍ଦା ନାହି ଆର 'ଇହାର ଉପର ।।" ଏଇ ଶାସ୍ତ୍ର ବାଣୀର ବିଶ୍ୱାସୀ ଗୌଡ଼ୀୟ । ଏଠାରେ ବିଗ୍ରହର ସୁଖାନୁସନ୍ଧାନମୟୀ ସେବା । କୌଣସି ସକାମ ଭାବଯୁକ୍ତ ଅର୍ଚ୍ଚନ ନାହିଁ । ସ୍ୱରପ ଧର୍ମରେ ଉଦ୍‌ବୁଦ୍ଧ ହୋଇ ପ୍ରୀତି ପୂର୍ବକ ଅର୍ଚ୍ଚନ । ଗୌଡ଼ୀୟ ମାନଙ୍କର ବିଗ୍ରହ ସେବାର ସାକାର ବାଦ ଅଛି କିନ୍ତୁ ଜଡ଼ସାକାରବାଦ ନୁହେଁ କେବଳ ସଚ୍ଚିଦାନନ୍ଦମୟ ବିଗ୍ରହର ସେବା । ତେଣୁ ସେମାନେ ଶୈଳୀ, ଦାରୁମୟୀ, ଲୌହୀ, ଲେଖ୍ୟା ଚ ସୈକତୀ । ମନୋମୟୀ, ମଣିମୟୀ ପ୍ରତିମାଷ୍ଟବିଧା ସ୍ମୃତା ।। ଏଇ ଭାଗବତୀୟ ବାଣୀର ଅନୁସରଣରେ ବିଗ୍ରହ ଯେଉଁ ଭାବରେ ଆସୁନା କାହିଁକି ମହାଜନ କର୍ତ୍ତୃକ ପ୍ରାଣ ପ୍ରତିଷ୍ଠାକୃତ ଅଥବା ସ୍ୱୟମ୍ଭୁ ବିଗ୍ରହର ସେବକ । "ମୁକ୍ତା ଅପି ଲୀଳୟା ବିଗ୍ରହଂ କୃତ୍ୱା ଭଗବନ୍ତଂ ଭଜନ୍ତେ" - ବିଷ୍ଣୁସ୍ୱାମୀ ରଚିତ ସର୍ବଜ୍ଞସୂତ୍ରର ଏଇ ବାଣୀ ଗୌଡ଼ୀୟ ଦର୍ଶନର ସୌନ୍ଦର୍ଯ୍ୟକୁ ଅଧିକ ବର୍ଦ୍ଧିତ କରିଛି । *କ୍ରମଶଃ*

## ସ୍ୱ-ଧାମଗମନ - ସମ୍ବାଦ

ତା- ୧୩-୧୦-୨୦ରିଖ ମଙ୍ଗଳବାର ପୁରୁଷୋତ୍ତମୀ ଏକାଦଶୀ ଦିନ ଭୁବନେଶ୍ୱର ନିବାସୀ କମଳାକାନ୍ତ ମହାରଣା - ୫୨ବର୍ଷ ବୟସରେ ସ୍ୱ-ଧାମ ଗମନ କରିଛନ୍ତି । ସେ ଗୌଡ଼ୀୟ ମିଶନର ପୂର୍ବଚାର୍ଯ୍ୟ ଓଁ ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀମଦ୍ ଭକ୍ତି ସୁହୃଦ ପରିବ୍ରାଜକ ମହାରାଜଙ୍କ ଠାରୁ ଶ୍ରୀହରିନାମ ମନ୍ତ୍ର ନେଇ ଭଜନ କରୁଥିଲେ । ତାଙ୍କ ପିତା, ମାତା, ଭ୍ରାତା, ପତ୍ନୀ ସମସ୍ତେ ଗୌଡ଼ୀୟ ମିଶନର ଶିଷ୍ୟ ହୋଇ ଭଜନ କରୁଛନ୍ତି । ତାଙ୍କର ଜନ୍ମସ୍ଥାନ ମୟୁରଭଂଜ- ମହାରାଜାପୁରରେ କିନ୍ତୁ ଭୁବନେଶ୍ୱରରେ ରହି ଓକିଲାତି କରୁଥିଲେ ଓ ନିଜର ଘର ମଧ୍ୟ ଭୁବନେଶ୍ୱରରେ ଅଛି । ତାଙ୍କର ଏକାଦଶାହରେ କଟକ, ଖୋର୍ଦ୍ଧା, ପୁରୀ ବାଲେଶ୍ୱର, ମହାରାଜମାନେ ତଥା ଗୃହସ୍ଥ ବୈଷ୍ଣବମାନଙ୍କ ଆନୁଗତ୍ୟ ଓ ତତ୍ତ୍ୱାବଧାନରେ ବୈଷ୍ଣବ ହୋମ ଶ୍ରୀହରି ସଂକୀର୍ତ୍ତନକ ସହିତ ମହା ଉଲ୍ଲାସରେ ପାଳିତ ହୋଇ ଯାଇଛି- ତାଙ୍କ ଭ୍ରାତା ଶ୍ରୀ ରାଧାକାନ୍ତ ମହାରଣା ବୈଷ୍ଣବମାନଙ୍କୁ ମହାପ୍ରସାଦ ଓ ଉପଢ଼ୌକନ ସହ ସମ୍ମାନୀତ କରିଥିଲେ । ତାଙ୍କର ପୁତ୍ର କନ୍ୟା ମଧ୍ୟ ଯଥାବିଧି ବୈଷ୍ଣବମାନଙ୍କୁ ସମ୍ମାନ କରି କୃପାଶ୍ରୀବାଦ ଲାଭ କରିଛନ୍ତି । ବିଶେଷକରି ତାଙ୍କର ବୃଦ୍ଧାମାତା (୮୦ ବର୍ଷ ବୟସ) ତାଙ୍କ ପୁତ୍ର ଶୋକକୁ ଭୁଲି ବୈଷ୍ଣବମାନଙ୍କୁ ଯାହା ଆତିଥେୟ ପ୍ରଦାନ କରିଛନ୍ତ ତାହା ଆମ୍ଭମାନଙ୍କ ଧ୍ୟେୟ ହେବା ଉଚିତ୍ - କମଳାକାନ୍ତ ଓ ରାଧାକାନ୍ତଙ୍କ ପତ୍ନୀ ମଧ୍ୟ ଶ୍ରୀହରି-ଗୁରୁ-ବୈଷ୍ଣବଙ୍କ ପ୍ରୀତି ବିଧାନ ନିମନ୍ତେ ଅଶେଷ ପ୍ରଜତ୍ନ କରଛନ୍ତି । ସମସ୍ତେ ହରି-ଭଜନରେ ଅଗ୍ରସର ହୁଅନ୍ତୁ ବୋଲି ବୈଷ୍ଣବମାନେ ଆଶୀର୍ବାଦ ପ୍ରଦାନ କରି ବିଦାୟ ନେଇଥିଲେ ।

# ଗାନ୍ଧାରୀଙ୍କ ଅଭିଶାପ

**ସଦାଶିବ ପଣ୍ଡା**

॥୧॥
ଧର୍ମ ସଂସ୍ଥାପନା କରିବା ପାଇଁ
ଅବତୀର୍ଣ୍ଣ ହେଲେ ଜଗତ ସାଇଁ
ଅସୁରମାନଙ୍କୁ କଲେ ନିପାତ
ନିର୍ମାଣ କରିଲେ ଧର୍ମର ପୋତ
ଯେଉଁଥିରେ ଭକ୍ତେ ବସି
ପାରି ହୋଇଯିବେ ସଂସାର ସାଗର
ଅଗାଧ ଜୀବନ ରାଶି ।

॥୨॥
ପାଣ୍ଡବମାନଙ୍କୁ ହେଲେ ସହାୟ
ପାପୀ କୌରବଙ୍କୁ କରିଲେ କ୍ଷୟ
ଧୃତରାଷ୍ଟ୍ରଙ୍କର କନିଷ୍ଠ ସୁତ
ପାଣ୍ଡବଙ୍କ ହେଲା ଶରଣାଗତ
ତାହାକୁ ରଖିଲେ ହରି
ଆଉ ଯେତେ ସବୁ ରଥି ମହାରଥି
ସବୁ ପକାଇଲେ ମାରି ।

॥୩॥
ଧୃତରାଷ୍ଟ୍ର ଆଉ ଗାନ୍ଧାରୀ ସତୀ
ଦୁହେଁ ବିନାଶରୁ ରହିଲେ ବର୍ତ୍ତି
ପୁତ୍ରଗଣ ଭୀମ କରିଛି ବଧ
ଶୁଣି ଦୁହିଁଙ୍କର ହୋଇଲା କ୍ରୋଧ
ଚିନ୍ତାକଲେ ମନେମନେ
ଭୀମକୁ ନିକଟେ ଦେଖିଲେ ତାହାକୁ
ମାରି ଦିଅନ୍ତେ ଜୀବନେ ।

॥୪॥
ଦୁହିଁଙ୍କର ଇଚ୍ଛା ହେଲା ସାକାର
ପାଣ୍ଡବଙ୍କୁ ଧରି କରୁଣାକର
ଦୁହିଁଙ୍କ ପାଖେ ହେଲେ ଉପଗତ
କହିଲେ ପାଣ୍ଡବେ ତୁମର ସୁତ
ଆଶୀର୍ବାଦ ତାଙ୍କୁ କର
ପୁତ୍ର ସିନା ମଲେ ଏହାଙ୍କୁ ତୁମର
ପୁତ୍ର ବୋଲି ମନେ କର ।

॥୫॥
ଶୁଣିଣ ଗାନ୍ଧାରୀ ହେଲେ ଆନନ୍ଦ
ଉପରେ ଆନନ୍ଦ ଭିତରେ କ୍ରୋଧ
କହିଲେ ଭୀମ ମୋ ପୁତ୍ର ସମାନ
ତାହାକୁ ଦେଖନ୍ତି ଖୋଲି ନୟନ
ତାହାକୁ ଆଦେଶ ଦିଅ
ଅନ୍ଧପୁଟୁଳିଟି ଖୋଲିଦେଉ ଭୀମ
ଦେଖିବି ମୋ ସୁନା ପୁଅ ।

॥୬॥
ଅନ୍ତର୍ଯ୍ୟାମୀ ପ୍ରଭୁ ଜଗତ ଈଶ
ଜାଣିଲେ ଗାନ୍ଧାରୀ ହୃଦୟ ବିଷ
ତାଙ୍କର କନିଷ୍ଠ ପୁତ୍ରକୁ ନେଇ
କହିଲେ ପୁଟୁଳି ଖୋଲଯା ଯାଇ
ପୁଟୁଳି ଖୋଲିଲା ସୁତ
ଖୋଲିବା ମାତ୍ରକେ ସାଙ୍ଗେ ସାଙ୍ଗେ ପୋଡ଼ି
ହୋଇଗଲା ଭସ୍ମୀଭୂତ ।

||୭||
କହିଲେ ଭୀମରେ ହୋଇଲୁ ବଧ
ପୁତ୍ର ଶୋକର ନେଲି ପ୍ରତିଶୋଧ
କୃଷ୍ଣ କହିଲେ ହେ ଗାନ୍ଧାରୀ ମାତ
(ତୁମ) କନିଷ୍ଠ ପୁତ୍ରଟି ହୋଇଲା ହତ
ଶୁଣି ଗାନ୍ଧାରୀ ଦୁଃଖିତ
କହିଲେ ଶେଷରେ ମୋହର ପୁତ୍ରକୁ
ନିଜେ କରିଲି ମୁଁ ହତ ।

||୮||
କ୍ରୋଧେ ଜର୍ଜରିତା ହୋଇ ଗାନ୍ଧାରୀ
କହିଲେ ରେ କୃଷ୍ଣ ତୁ ମୋ ବଇରୀ
ନାଶ କଲୁ ତୁହି ମୋହର ବଂଶ
ନ ରହିବେ କେବେ ତୋହର ଅଂଶ
ଦେଉଅଛି ଅଭିଶାପ
ତୋର ବଂଶ ମଧ ନାଶ ଯିବ କେହି
ରଖି ନ ପାରିବେ ବାପ ।

||୯||
ସମସ୍ତେ ଚାଲିଲେ ଶମନପୁରେ
ଏକା ବସି ମୁହିଁ କାନ୍ଦୁଛି ଘରେ
ସେହି ଦଶା ଏବେ ହେବ ତୋହର
ସମୟ ଆଉ ନ ରହିଛି ଦୂର
ସୁଖଶାନ୍ତି ହେବ ଧ୍ୱଂସ
ମୋହର ଯେପରି ନିମିଷକେ ମଧେ
ହୋଇଗଲା ସର୍ବନାଶ ।

||୧୦||
କୃଷ୍ଣ କହିଲେ ହେ ଗାନ୍ଧାରୀ ମାତ
ତୁମେ ତ ମୋହର ବଡ଼ ଭକତ
ତୁମ ଅଭିଶାପ କଲି ଗ୍ରହଣ
ପରିଜନଙ୍କର ହେବ ମରଣ
ଲୀଳା ହେବ ମୋର ଶେଷ
ତାହାପରେ ମୋର ଧାମକୁ ଚାଲିବି
କହିଲେ କମଳା ଈଶ ।।

---

କଟକରେ ଜଣେ ଭକ୍ତ ପ୍ରତିଦିନ ଭୋର ୫ଟାରେ ଶ୍ରୀ ସଚ୍ଚିଦାନନ୍ଦ ମଠକୁ ମଙ୍ଗଳ ଆରତୀ ଦର୍ଶନ କରିବାକୁ ଆସନ୍ତି ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ । ଏଇ 'କରୋନା' ଭୟରେ ଘରେ ପରିବାରଙ୍କ ଆକଟ ଓ ନିଜର ସୁରକ୍ଷା ଦୃଷ୍ଟିରୁ ତଥା ବୟସ ୮୦ରୁ ବେଶୀ ହୋଇଥିବାରୁ ୬ ମାସ ହେବ 'ମଠ'କୁ ଆସି ପାରୁନାହାନ୍ତି - କେତେବେଳେ କେମିତି ଲୁଚି ଛପି ଆସି ସଙ୍ଗେ ସଙ୍ଗେ ପଳାଇ ଯାଆନ୍ତି । ଏହା ତାଙ୍କୁ ସୁଖ ଲାଗୁନାହିଁ । ଦିନେ ମଠରେ ବସି ଏଇ ନିମ୍ନରେ ଦିଆଯାଇଥିବା ଦୁଇ ତିନି ପଦ "ଖେଦୋକ୍ତି" ଲେଖି ଦେଇ ଠାକୁରଙ୍କ ନିକରେ ରଖି ଦେଇ ଯାଇଥିଲେ - ତାହା ପାଇ ମାସିକ ପତ୍ରିକା ପରମାର୍ଥୀରେ ପ୍ରକାଶ କଲୁ ।

ଆଉ ମୋର ନାହିଁ ବେଳ, ପାଇବି ବୈଷ୍ଣବ ମେଳ,
କରିବି କିପରି ସଂକୀର୍ତ୍ତନ ।
ନାମ ସଂକୀର୍ତ୍ତନ କରି ବୈଷ୍ଣବ ଚରଣେ ପଡ଼ି
ପାଇବିକି ଶ୍ରୀକୃଷ୍ଣ ଚୈତନ୍ୟ ॥
ବୈଷ୍ଣବଙ୍କ ସଙ୍ଗ ବିନା ହୃଦ ହୁଏ କମ୍ପମାନା
ସଦାହୁଏ ମୋ' ମନ ବିକଳ ।
ଏ ଅଧମେ କରି ଦୟା ବାରେ ଦେଇ ପଦଛାୟା
କର ମୋର ଚିତ୍ତକୁ ନିର୍ମଳ ॥

**ଶ୍ରୀ ସୁଦର୍ଶନ ପଣ୍ଡା - କଟକ**

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

**ବ୍ରାହ୍ମଣସେବା-** ବ୍ରାହ୍ମଣମାନେ ଭଗବାନଙ୍କୁ ଅତ୍ୟନ୍ତ ପ୍ରିୟ ପରବ୍ରହ୍ମ-ସ୍ୱରୂପ ଶ୍ରୀକୃଷ୍ଣଙ୍କ ତତ୍ତ୍ୱକୁ ଜାଣି, ଯିଏ ସର୍ବଦା ତାଙ୍କଠାରେ ବିଚରଣ କରନ୍ତି, ତାହାଙ୍କୁ ବ୍ରାହ୍ମଣ କୁହାଯାଏ । ବ୍ରହ୍ମ-ତତ୍ତ୍ୱକୁ ଜାଣି ନଥିବା ବ୍ୟକ୍ତି ବ୍ରାହ୍ମଣକୁଳରେ ଜନ୍ମିଥିଲେ ମଧ ବ୍ରାହ୍ମଣ ନୁହଁନ୍ତି । ବୈଷ୍ଣବମାତ୍ରେ ହିଁ ଯଥାର୍ଥ ବ୍ରାହ୍ମଣ । ଏପରି ବ୍ରାହ୍ମଣଙ୍କ ଓ ଗୋ-ଜାତିଙ୍କ ରକ୍ଷା ଏବଂ ସମୃଦ୍ଧି ପାଇଁ ଭଗବାନଙ୍କ ଅବତାର ହୁଏ । ଏପରି ବ୍ରାହ୍ମଣଙ୍କୁ ଭୂସୁର ମଧ କୁହାଯାଏ । ଅତଏବ ଏପରି ଗୁଣଯୁକ୍ତ ବ୍ରାହ୍ମଣଙ୍କୁ ସମ୍ମାନ ଦେବା ସାଧକଙ୍କ କର୍ତ୍ତବ୍ୟ ଅଟେ ।

**ବୈଷ୍ଣବସମ୍ମାନ -** ଶାସ୍ତ୍ରମାନଙ୍କରେ ବୈଷ୍ଣବଙ୍କ ବା ବିଷ୍ଣୁଭକ୍ତଙ୍କ ମହିମା ପ୍ରଚୁର- ମାତ୍ରାରେ ବର୍ଣ୍ଣନା କରାଯାଇଛି । ଭଗବଦ୍‌ଭକ୍ତଙ୍କ ସଙ୍ଗ ବିନା ଭକ୍ତି ମିଳେ ନାହିଁ । ଭକ୍ତି ବିନା ଭଗବାନ ମିଳନ୍ତି ନାହିଁ । ଭକ୍ତି ଥିଲେ ମଧ ଭକ୍ତମାନଙ୍କ ସଙ୍ଗରେ ଶ୍ରବଣ-କୀର୍ତ୍ତନ ଆଦି ନ କଲେ ଭକ୍ତି ପରିପକ୍ୱ ହୋଇ ଭାବ-ଅବସ୍ଥା ବା ପ୍ରେମ ଅବସ୍ଥା ପର୍ଯ୍ୟନ୍ତ ବିକଶିତ ହୋଇପାରେ ନାହିଁ । ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀ ଭକ୍ତମାନଙ୍କର ପଦ-ଧୂଳି, ଭକ୍ତ-ଚରଣାମୃତ ଓ ଭକ୍ତମାନଙ୍କ ମୁଖନିଃସୃତ ବାଣୀ ବା ସେମାନଙ୍କର ଉଚ୍ଛିଷ୍ଟପ୍ରସାଦ ଏହି ତିନୋଟିକୁ ସାଧକମାନଙ୍କ ପକ୍ଷେ ମହାଶକ୍ତିଶାଳୀ କହିଛନ୍ତି; ଯେହେତୁ ଏହାକୁ ସେବିଲେ ସହଜରେ ହିଁ ସାଧକମାନଙ୍କ ହୃଦୟରେ ଭକ୍ତିର ଆର୍ବିଭାବ ହୁଏ ।

ଭକ୍ତପଦଧୂଳି ଆର ଭକ୍ତପଦ-ଜଳ
ଭକ୍ତଭୁକ୍ତ-ଶେଷ ଏଇ ତିନି ସାଧନେର ବଳ । (ଚୈ. ଚ. ଅନ୍ତ. ୧୬/୬୦)

ଆହୁରି ମଧ୍ୟ ଶ୍ରୀଳ ନରୋତ୍ତମ ଠାକୁର କହିଛନ୍ତି ଯେ, ବୈଷ୍ଣବଙ୍କର ଚରଣ ଧୂଳି ଦ୍ୱାରା ଅଭିଷିକ୍ତ ହେବା ମୋ ପାଇଁ ସ୍ନାନ କେଳି ତାଙ୍କ ନାମଜପ ମୋ ପାଇଁ ତର୍ପଣ ଏବଂ ତାଙ୍କର ଉଚ୍ଛିଷ୍ଟ ସେବନ ମୋର ସର୍ବସ୍ୱ ଅଟେ । ଯଥା-

ବୈଷ୍ଣବେର ପଦଧୂଳି, ତାହେ ମୋର ସ୍ନାନକେଳି,
ତର୍ପଣ ମୋର ବୈଷ୍ଣବେର ନାମ
ବୈଷ୍ଣବେର ଉଚ୍ଛିଷ୍ଟ, ତାହେ ମୋର ମନୋନିଷ୍ଠ
ବୈଷ୍ଣବେର ନାମେତେ ଉଲ୍ଲାସ ।"

ସ୍କନ୍ଦପୁରାଣ'ରେ କୁହାଯାଇଛି -

ହନ୍ତି ନିନ୍ଦନ୍ତି ବୈ ଦ୍ୱେଷ୍ଟି ବୈଷ୍ଣବାନ୍ନାଭିନନ୍ଦତି
କ୍ରୁଦ୍ଧତେ ଜାତି ନୋ ହର୍ଷଂ ଦର୍ଶନେ ପତନାନି ଷଟ୍ ।

ଅର୍ଥାତ ବୈଷ୍ଣବଙ୍କୁ ମାରିବା (ହନ୍ତସନ୍ତ କରିବା), ତାଙ୍କୁ ନିନ୍ଦା କରିବା, ତାଙ୍କୁ ଅଭିନନ୍ଦନ ନକରିବା, ତାଙ୍କ ପ୍ରତି ବିଦ୍ୱେଷଭାବ ରଖିବା, ତାଙ୍କୁ ଅଭିନନ୍ଦନ ନକରିବା, ତାଙ୍କ ପ୍ରତି କ୍ରୋଧ ପ୍ରକାଶ କରିବା ଏବଂ ତାଙ୍କୁ ଦେଖୁ ପ୍ରସନ୍ନ ନହେବା, ଏହି ଛଅଟି ହେଉଛି ଅଧପତନର କାରଣ । ଉପରୋକ୍ତ ଯେଉଁ ଛଅ(୬)ଟି ବ୍ୟବସ୍ଥା କୁହାଗଲା ତାହା

ସର୍ବାଦୌ ସଯତ୍ନରେ ଗ୍ରହଣ କରିବା ଉଚିତ  ଏହା ପରେ ଯେଉଁ ଦଶୋଟି ବ୍ୟାବସ୍ଥା ବିଷୟରେ କୁହାଯିବ ତାହା ସର୍ବଥା ବର୍ଜନୀୟ ।

**(୧୧) ଅସାଧୁ-ସଙ୍ଗ-ତ୍ୟାଗ**

ଭାବ ଉଦୟ ହେଲେ ଭକ୍ତି ପରିପକ୍ୱ ବା ଗାଢ଼ ହୁଏ ଭାବ ଉଦୟ ନ ହେବାପର୍ଯ୍ୟନ୍ତ ଭକ୍ତି-ବିରୋଧୀ ସଙ୍ଗକୁ ପରିତ୍ୟାଗ କରିବା ଉଚିତ । ଏଠାରେ ସଙ୍ଗ ଶବ୍ଦର ତାତ୍ପର୍ଯ୍ୟ ହେଉଛି ଆସକ୍ତି । ଏଣୁ ଅନ୍ୟ ଅନ୍ୟ ବ୍ୟକ୍ତିମାନଙ୍କ ସହିତ ଯେଉଁ ବାର୍ତ୍ତାଳାପ ହୁଏ, ନିକଟତା ବା ଘନିଷ୍ଠତା ହୁଏ, ତାହାକୁ ସଙ୍ଗ କୁହାଯାଏ ନାହିଁ। ସେହି ଘନିଷ୍ଠତା ପ୍ରତି ବା ବାର୍ତ୍ତାଳାପ ପ୍ରତି ଆସକ୍ତି ଜନ୍ମିଲେ ତାକୁ ସଙ୍ଗ କୁହାଯାଏ । ଏଣୁ ଭଗବଦ୍- ବିମୁଖ ଲୋକଙ୍କର ସଙ୍ଗ ନିତାନ୍ତ ବର୍ଜନୀୟ ଭାବ ଉଦିତ ହେଲେ ବହିର୍ମୁଖ ଲୋକମାନଙ୍କ ସଙ୍ଗ ପ୍ରତି ଆଉ କେଭେ ସ୍ପୃହା ହୁଏ ନାହିଁ। ବୈଧୀଭକ୍ତିର ଅଧିକାରୀଙ୍କୁ ଏପରି ସଙ୍ଗଠାରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ।  ଛୋଟ ଛୋଟ ଚାରାଗଛ-ଲତା ଯେପରି ଦୂଷିତ-ବାୟୁଦ୍ୱାରା ଅଥବା ଅଧିକ ଗରମ ହେତୁ ନଷ୍ଟ ହୋଇଯାଏ, ସେହିପରି କୃଷ୍ଣ-ବିମୁଖ ବ୍ୟକ୍ତିଙ୍କ ସଙ୍ଗଦ୍ୱାରା ଭକ୍ତିଲତାଟି ଶୁଖିଯାଏ। ଭୋଗ-ବିଳାସରେ ଆସକ୍ତ କୃଷ୍ଣଭକ୍ତିରହିତ ବିଷୟୀ, ସ୍ତ୍ରସଙ୍ଗୀ (ସ୍ତ୍ରୀ ସଙ୍ଗରେ ଆସକ୍ତ), ମାୟାବାଦ ନାସ୍ତିକତା ଆଦି ଦୋଷରେ କଳୁଷିତ ହୃଦୟସମ୍ପନ୍ନ ଏବଂ କର୍ମଜଡ ଏହି ଚାରିପ୍ରକାର ବ୍ୟକ୍ତି କୃଷ୍ଣଙ୍କ ପ୍ରତି ବିମୁଖ ଅଟନ୍ତି। ତେଣୁ ଏହି ଚାରିପ୍ରକାର ବ୍ୟକ୍ତିଙ୍କ ସଙ୍ଗକୁ ଦୂରରୁ ପରିତ୍ୟାଗ କରିବା ଉଚିତ ।

**(୧୨) ବହୁଶିଷ୍ୟକରଣ ତ୍ୟାଗ**

ନିଜର ମାନ (ସମ୍ମାନ)- ପ୍ରତିଷ୍ଠା ତଥା ଧନସଂଗ୍ରହ ପାଇଁ ବହୁତ ଶିଷ୍ୟ କରିବା ଭକ୍ତିମାର୍ଗରେ ପ୍ରଧାନ ବାଧକ ଅଟେ। ଶ୍ରୀଳ ଜୀବ ଗୋସ୍ୱାମୀ ଲେଖିଛନ୍ତି ଯେ, ସମ୍ପ୍ରଦାୟର ବୃଦ୍ଧିପାଇଁ ମଧ ଅନଧିକାରୀ ଅଧକ ଲୋକଙ୍କୁ ଶିଷ୍ୟ କରିବା ଉଚିତ ନୁହେଁ ଅନେକ ଶିଷ୍ୟ କରିବାକୁ ଇଚ୍ଛୁକ ବ୍ୟକ୍ତି (ଗୁରୁ) ଏଭଳି ଅଶ୍ରଦ୍ଧାଳୁ ବ୍ୟକ୍ତିଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିଥାନ୍ତି। ଅଶ୍ରଦ୍ଧାଳୁ ଲୋକଙ୍କୁ ଶିଷ୍ୟ କଲେ ଅପରାଧ ହୁଏ, ନିଜ ଭଜନାଦି କାର୍ଯ୍ୟରେ ବାଧା-ବିଘ୍ନ ଉପୁଜିଥାଏ ଏବଂ ଶେଷରେ ନରକ ଭୋଗିବାକୁ ପଡେ।

**(୧୩) ବହ୍ୱାରମ୍ଭ ତ୍ୟାଗ**

ଆଡ଼ମ୍ବରପୂର୍ଣ୍ଣ ଉଦ୍ୟମମାନଙ୍କୁ ବା ମହୋତ୍ସବମାନଙ୍କୁ ବହ୍ୱାଡ଼ମ୍ବର କହନ୍ତି। ଏଗୁଡ଼ିକୁ ସର୍ବପ୍ରକାରେ ପରିତ୍ୟାଗ କରିବା ଉଚିତ  (ଅର୍ଥାତ ଜୀବନ-ପରିଚର୍ଯ୍ୟା ପାଇଁ ଆଡମ୍ବରପୂର୍ଣ୍ଣ ବିଳାସ-ବ୍ୟସନଯୁକ୍ତ ଗୃହ, ଗୃହୋପକରଣ, ତଥା ଉଦ୍ୟାନାଦି କରିବା, ମହୋତ୍ସବମାନଙ୍କୁ ଖୁବ ଆଡମ୍ବରପୂର୍ଣ୍ଣଭାବେ ପାଳିବା ଇତ୍ୟାଦି ଆଡମ୍ବରକୁ ପରିତ୍ୟାଗ କରିବା ଉଚିତ)। ଏହାର ତାତ୍ପର୍ଯ୍ୟ ହେଉଛି ସଂକ୍ଷେପରେ ଜୀବନଯାତ୍ରା ନିର୍ବାହପୂର୍ବକ ଭଗବଦ୍-ଭଜନ-କୀର୍ତ୍ତନରେ ତତ୍ପର ରହିବା ଉଚିତ । ବିରାଟ-ଆଡ଼ମ୍ବର କଲେ ସେଥିରେ ଆସକ୍ତି ଏପରି ବୃଦ୍ଧିପାଏ ଯେ, ଭଜନ- କୀର୍ତ୍ତନରେ ମନ ଲାଗେ ନାହିଁ । ତେଣୁ ବହ୍ୱାରମ୍ଭ-ତ୍ୟାଗର ବିଧି ଶାସ୍ତ୍ରରେ ଦିଆଯାଇଛି ।

**(୧୪) ବହୁଶାସ୍ତ୍ରବ୍ୟାଖ୍ୟାର ବିବାଦାଦି ତ୍ୟାଗ**

ଶାସ୍ତ୍ର ସମୁଦ୍ରତୁଲ୍ୟ ଅନନ୍ତ।  ଯେଉଁ ବିଷୟରେ ଶିକ୍ଷା ନେବା ଆବଶ୍ୟକ; ସେହିବିଷୟକ ଗ୍ରନ୍ଥଗୁଡିକୁ ଆଦ୍ୟପ୍ରାନ୍ତ ବିବେଚନାପୂର୍ବକ ପଢ଼ିବା ଉଚିତ । ବହୁଗ୍ରନ୍ଥର ପର୍ଯ୍ୟାଲୋଚନା ଦ୍ୱାରା କୌଣସି ବିଷୟରେ ପୁର୍ଣ୍ଣଜ୍ଞାନ ହୁଏ ନାହିଁ

ଅର୍ଥାତ ଅନେକ ଗ୍ରନ୍ଥକୁ ଟିକିଏ ଟିକିଏ ପଢ଼ିବା ଦ୍ୱାରା କୌଣସି ବିଷୟରେ ପୂର୍ଣଜ୍ଞାନ ହୁଏ ନାହିଁ। ବିଶେଷ କରି ଭକ୍ତି-ଶାସ୍ତ୍ରମାନଙ୍କୁ ଯଦି ମନ-ଧ୍ୟାନ ଦେଇ ସାବଧାନପୂର୍ବକ ପଢ଼ା ନ ଯାଏ, ତେବେ ସମ୍ବନ୍ଧତତ୍ତ୍ୱବିଷୟକ ବୁଦ୍ଧି ଉଦିତ ହୁଏ ନାହିଁ। ମନେରଖିବାକୁ ହେବ ଯେ, ଗ୍ରନ୍ଥପାଠବେଳେ ଗ୍ରନ୍ଥର ସରଳ ଅର୍ଥଟି' ହିଁ ଗ୍ରହଣୀୟ । ଅନ୍ୟଥା ଅର୍ଥବାଦ କଲେ ବିପରୀତ-ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଅଧିକ ବାଦ-ବିବାଦଦ୍ୱାରା ଚିତ୍ତବୃତ୍ତି ବିକ୍ଷିପ୍ତ ହୁଏ ତାହାଦ୍ୱାରା ଭଜନରେ ମନ ଲାଗେ ନାହିଁ । ଶ୍ରୀଚୈତନ୍ୟ ମହାପ୍ରଭୁ ସନାତନ ଗୋସ୍ୱାମୀଙ୍କୁ କହିଛନ୍ତି-

"ବହୁଗ୍ରନ୍ଥ-କଳାଭ୍ୟାସ-ବ୍ୟାଖ୍ୟାନ ବର୍ଜିବ।" (ଚୈ. ଚ. ମଧ୍ୟ, ୨ ୨/୧୧୫)'

ଶ୍ରୀମଦ୍‌ଭାଗବତରେ ମଧ୍ୟ କୁହାଯାଇଛି ନ ବ୍ୟାଖ୍ୟାମୁପଯୁଞ୍ଜୀତ - ' ଅର୍ଥାତ ଶାସ୍ତ୍ରବ୍ୟାଖ୍ୟାକୁ ଭାଗବତପାଠକୁ ନିଜର ଜୀବିକାର୍ନିବାହର ଉପାୟ ବା, ମାଧ୍ୟମ କରିବା ଅନୁଚିତ। ଏହା ଦ୍ୱାରା ଶ୍ରୀମଦ୍‌ଭାଗବତାଦି ଶାସ୍ତ୍ରକୁ ବିକିବା ଭଳି କାର୍ଯ୍ୟ ହୁଏ, ଯାହା ଭକ୍ତି ସାଧନର ପ୍ରତିକୂଳ ଅଟେ। ଶ୍ରୀମଦ୍‌ଭାଗବତରେ ସ୍ପଷ୍ଟରୂପେ ଏହାକୁ ନିଷେଧ କରାଯାଇଛି, ଯଥା-

ନ ଶିଷ୍ୟାନନୁବଧ୍ନୀତ ଗ୍ରନ୍ଥାନ୍ନୈବାଭ୍ୟସେଦ୍ ବହୂନ
ନ ବ୍ୟାଖ୍ୟାମୁପଯୁଞ୍ଜୀତ ନାରମ୍ଭାନାରଭେତ୍ କ୍ୱଚିତ୍ । (ଭା, ୭/୧୩/୮)

ଅର୍ଥାତ ଭକ୍ତି ସାଧକଙ୍କୁ ବହୁଶିଷ୍ୟା କରିବା ଉଚିତ ନୁହେଁ ଅଥବା ଲୋଭବଶତଃ ଅପାତ୍ରକୁ ବା ଅଶ୍ରଦ୍ଧାଳୁବ୍ୟକ୍ତିକୁ ଶିଷ୍ୟ କରିବା ଉଚିତ ନୁହେଁ। ବହୁଗ୍ରନ୍ଥ ଅଭ୍ୟାସ କରିବା ଉଚିତ ନୁହେଁ। ଶାସ୍ତ୍ରବ୍ୟାଖ୍ୟା ଦ୍ୱାରା ଅଥବା ପ୍ରବଚନ ଆଦି ଦ୍ୱାରା ଅର୍ଥ ଉପାର୍ଜନକୁ ବ୍ୟବସାୟ କରିବା ଆଦୌ ଉଚିତ ନୁହେଁ ତଥା ଆଡମ୍ବରପୂର୍ଣ୍ଣ ଉଦଯୋଗମାନଠାରୁ ଦୂରରେ ରହିବା ଉଚିତ ।

### (୧୫) ବ୍ୟବହାରରେ କାର୍ପଣ୍ୟ (କୃପଣତା) ତ୍ୟାଗ

ଜୀବନଯାତ୍ରାର ନିର୍ବାହ ପାଇଁ ଗ୍ରାସାଚ୍ଛାଦନର ଉପଯୋଗୀ ଦ୍ରବ୍ୟସଂଗ୍ରହ ଆବଶ୍ୟକ। ଦ୍ରବ୍ୟ ନମିଳିଲେ ମନରେ ଦୁଃଖ ଆସିଥାଏ ମିଳିବା ପରେ ନଷ୍ଟ ହୋଇଗଲେ ମନରେ ଦୁଃଖ ହୁଏ କିନ୍ତୁ ଏହିପ୍ରକାର ଦୁଃଖରେ ଭକ୍ତଜନ ବିଚଳିତ ନହୋଇ ସର୍ବଦା ଭଗବତ୍ ସ୍ମରଣରେ ସଜାଗ ରହିବା ଉଚିତ। ପୁଣି ସାମର୍ଥ୍ୟ ଥାଇ ଭଗବଦ୍ ସେବା ବୈଷ୍ଣବସେବା ଭଗବତ୍ ଜନ୍ମତିଥି ଆଦି ମହୋତ୍ସବ କାର୍ଯ୍ୟରେ କୃପଣତା କରିବା ଅନୁଚିତ; ଯାହା ଯେତିକି ମିଳିବ ସେତିକିରେ ସନ୍ତୁଷ୍ଟ ରହି ସେବାକାର୍ଯ୍ୟ ନିର୍ବାହ କରିବା ଉଚିତ ।

### (୧୬) ଶୋକ-କ୍ରୋଧାଦି ତ୍ୟାଗ

ଶୋକ, ଭୟ, କ୍ରୋଧ, ଲୋଭ ଓ ମତ୍ସରତାରେ ପୂର୍ଣ୍ଣ ଥିବା ଚିତ୍ତରେ ଶ୍ରୀକୃଷ୍ଣଙ୍କର ସ୍ମରଣ ହୁଏ ନାହିଁ। ବନ୍ଧୁ-ବାନ୍ଧବଙ୍କ ବିଚ୍ଛେଦରୁ ତଥା କାମନାରେ ବାଧା ଆସିଲେ ଶୋକ ଓ ମୋହ ଆଦି ହୁଏ କିନ୍ତୁ ସେହି ଶୋକ ମୋହ ଆଦିର ଅଧୀନ ହେବା ଉଚିତ ନୁହେଁ ପୁତ୍ରବିୟୋଗ ହେଲେ ଶୋକ ଅବଶ୍ୟ ହୁଏ, କିନ୍ତୁ ହରିଙ୍କୁ ଚିନ୍ତନ ଦ୍ୱାରା ସେହି ଶୋକକୁ ଛାଡ଼ିବା ଆବଶ୍ୟକ। ଏହିପ୍ରକାରେ ଭଗବାନଙ୍କ ଚରଣ-କମଳରେ ଚିତ୍ତକୁ ଲଗାଇବାର ଅଭ୍ୟାସ କରିବା ଉଚିତ।

**(୧୭) ଅନ୍ୟାନ୍ୟ ଦେବତାଙ୍କୁ ନିନ୍ଦା ଓ ଅବଜ୍ଞା ତ୍ୟାଗ**

ଶ୍ରୀକୃଷ୍ଣଙ୍କ ଠାରେ ଅନନ୍ୟା ଭକ୍ତି ହେବା ଆବଶ୍ୟକ । ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଦେବତାଙ୍କର ମୂଳ କୌଣସି ଦେବତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ସ୍ୱତନ୍ତ୍ର ମଣି ପୁଜିବା ଉଚିତ ନୁହେଁ। କିନ୍ତୁ କେହି କେହି ଅନ୍ୟଦେବତାଙ୍କୁ ସ୍ୱତନ୍ତ୍ରଭାବେ ପୁଜୁଥିବା ଦେଖି ସେହି ଦେବତାଙ୍କୁ ଅବଜ୍ଞା କରିବା ଅନୁଚିତ। ଦେବତାମାନଙ୍କୁ ଶ୍ରୀକୃଷ୍ଣଙ୍କ ସେବକ ଜାଣି ତାଙ୍କୁ ସମ୍ମାନପୂର୍ବକ ଶ୍ରୀକୃଷ୍ଣଙ୍କୁ ହିଁ ନିରନ୍ତର ଭଜନ ଓ ସ୍ମରଣ କରିବା ଉଚିତ। ଜୀବର ଅନ୍ତଃକରଣ ନିର୍ଗୁଣ ନ ହେବା ପର୍ଯ୍ୟନ୍ତ ସେଠାରେ ଅନନ୍ୟା ଭକ୍ତି ଉଦିତ ହୁଏ ନାହିଁ । ଯାହାଙ୍କ ଚିତ୍ତ (ଅନ୍ତଃକରଣ) ସତ୍ତ୍ୱ-ରଜ-ତମ- ଏହି ତ୍ରିଗୁଣରେ ଆଚ୍ଛାଦିତ, ସେ ନିଜର ସେହି ସେହି ପ୍ରବଳା ଗୁଣ ଅନୁସାରେ ସେହି ସେହି ଗୁଣର ଦେବତାଙ୍କୁ ପୁଜିଥାନ୍ତି । ଅଧିକାର ଅନୁସାରେ ହିଁ ତାହାଙ୍କର ସେପରି ନିଷ୍ଠା ହୁଏ। ତେଣୁ ସେମାନଙ୍କ ଦ୍ୱାରା ଉପାସ୍ୟ ଦେବତାଙ୍କୁ କୌଣସିପ୍ରକାରେ ଅନାଦର ଭାବ ପ୍ରକାଶିବା ଅନୁଚିତ ସେହି ସେହି ଦେବତାଙ୍କ କୃପାରୁ କ୍ରମୋନ୍ନତି ପାଇ ସେହି ଉପାସକମାନଙ୍କର ଚିତ୍ତ ସମୟକ୍ରମେ ନିର୍ଗୁଣ ହୋଇଯିବ।

**(୧୮) ପ୍ରାଣୀମାତ୍ରେ ଉଦ୍‌ବେଗତ୍ୟାଗ**

ଯେଉଁ ବ୍ୟକ୍ତି ପ୍ରାଣୀମାନଙ୍କ ପ୍ରତି ଦୟାଭାବ ପୋଷଣ କରନ୍ତି, ସେମାନଙ୍କୁ କାୟ, ମନ ଓ ବାକ୍ୟରେ କୌଣସିପ୍ରକାର ଉଦ୍‌ବେଗ ଦିଅନ୍ତି ନାହିଁ, ସେହି ବ୍ୟକ୍ତିଙ୍କ ପ୍ରତି ଶ୍ରୀକୃଷ୍ଣ ଶୀଘ୍ର ହିଁ ପ୍ରସନ୍ନ ହୁଅନ୍ତି ଦୟା ବୈଷ୍ଣବଙ୍କର ପ୍ରଧାନ ଧର୍ମ ଅଟେ ।

**(୧୯) ସେବା-ଅପରାଧ, ନାମ-ଅପରାଧ ତ୍ୟାଗ**

ଭଗବଦ ଅର୍ଚ୍ଚନ ସମ୍ବନ୍ଧରେ ସେବାପରାଧକୁ ଏବଂ ଭଗବଭକ୍ତି ସମ୍ବନ୍ଧରେ ନାମାପରାଧକୁ ବିଶେଷ ସାବଧାନପୂର୍ବକ ଛାଡ଼ିବା ଉଚିତ ବାହନରେ ଚଢ଼ି ଅଥବା ପାଦୁକା ପିନ୍ଧି ଭଗବାନଙ୍କ ମନ୍ଦିରରେ ପଶିବା ଆଦି ବତିଶପ୍ରକାରର ସେବାପରାଧ ଅଛି ସାଧୁନିନ୍ଦା, ଗୁରୁଦେବଙ୍କୁ ଅବଜ୍ଞା ଆଦି ଦଶପ୍ରକାର ନାମାପରାଧ ଅଛି। ଏହି ଦୁଇପ୍ରକାର ଅପରାଧକୁ ଅବଶ୍ୟ ହିଁ ଛାଡ଼ିବା ଉଚିତ। ଏହାର ବିସ୍ତୃତ ଆଲୋଚନା ଆଗରେ କରାହେବ।

**(୨୦) ଗୁରୁ-କୃଷ୍ଣ-ଭକ୍ତ-ନିନ୍ଦାସହନ ତ୍ୟାଗ**

ଶାସ୍ତ୍ରରେ କୁହାଯାଇଛି ଶ୍ରୀଗୁରୁଦେବଙ୍କୁ, ଭଗବାନଙ୍କୁ ଓ ଭକ୍ତମାନଙ୍କୁ ନିନ୍ଦା କରିବା ଯେଭଳି ଅପରାଧ, ସେମାନଙ୍କ ନିନ୍ଦାଶୁଣିବା ମଧ୍ୟ ସେହିଭଳି ଅପରାଧ ସାମର୍ଥ୍ୟ ଥିଲେ ସେହି ନିନ୍ଦୁକକୁ ଉଚିତ ଦଣ୍ଡଦେବା ବିଧେୟ ଅସମର୍ଥ ହେଲେ କାନକୁ ବୁଜି ସେହି ସ୍ଥାନକୁ ଛାଡ଼ି ବସ୍ତ୍ରସହିତ ସ୍ନାନ କରିବା ଉଚିତ । ନିନ୍ଦା ଶୁଣିଲେ ଭକ୍ତିବୃତ୍ତି କ୍ଷୀଣ ହୋଇଯାଏ ଶ୍ରୀକୃଷ୍ଣଙ୍କୁ ଓ ବୈଷ୍ଣବଙ୍କୁ ନିନ୍ଦା କରୁଥିବା ବ୍ୟକ୍ତି କୃଷ୍ଣବିମୁଖ ଓ ଅପରାଧୀ ଅଟେ। ଏଭଳି ଲୋକଙ୍କ ସଙ୍ଗ ସର୍ବତୋଭାବେ ଛାଡ଼ିବା ଉଚିତ 'ଶ୍ରୀମଦ୍‌ଭାଗବତ' (୧୦/୭୪/୪୦)ରେ କୁହାଯାଇଛି -

> ନିନ୍ଦାଂ ଭଗବତଃ ଶୃଣ୍ୱନ ତତ୍ପରସ୍ୟ ଜନସ୍ୟ ବା
> ତତୋ ନାପୈତି ଯଃ ସୋଽପି ଯାତ୍ୟଧଃ ସୁକୃତାଚ୍ଚ୍ୟୁତଃ।

ଅର୍ଥାତ ଭଗବାନଙ୍କ ଅଥବା ଭକ୍ତଙ୍କ ନିନ୍ଦାକୁ ଶୁଣୁ ଶୁଣୁ ଯିଏ ସେହି ସ୍ଥାନକୁ ଛାଡ଼ି ଚାଲିଯାଏ ନାହିଁ, ସେ ନିଜର ଶୁଭକର୍ମରୁ ବଞ୍ଚିତ ହୋଇ ଅଧୋଗତିକୁ ପାଏ । ଏହାର ପରବର୍ତ୍ତୀ ଚଉରାଳିଶିଟି ଅଙ୍ଗ ଏହି ପୁର୍ବୋକ୍ତ କୋଡ଼ିଏଟି ଅଙ୍ଗର ହିଁ ଅନ୍ତର୍ଭୁକ୍ତ ବିସ୍ତାରପୁର୍ବକ ବୁଝାଇବାପାଇଁ ଏହାକୁ ଅଲଗା ଅଲଗା ଅଙ୍ଗରୁପେ ବର୍ଣ୍ଣନା କରାଯାଇଛି (୨୧) ବୈଷ୍ଣବଚିହ୍ନ ଧାରଣ'ଠାରୁ ଆରମ୍ଭ କରି (୫୦) 'କୃଷ୍ଣଙ୍କୁ ପ୍ରିୟବସ୍ତୁ ଅର୍ପଣ' ପର୍ଯ୍ୟନ୍ତ ତିରିଶିଟି ଅଙ୍ଗ ଅର୍ଚ୍ଚନମାର୍ଗର ଅନ୍ତର୍ଭୁକ୍ତ ।

*- କ୍ରମଶଃ*

# ଗାଁ ଛୋଟି ଓଡ଼ିଶା ଓ ଶ୍ରୀଭକ୍ତି ବିନୋଦ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ସାଧୁ, ବୈଷ୍ଣବ, ମହାତ୍ମା ଓ ଅବତାରଗଣ କୌଣସି ନିର୍ଦ୍ଦିଷ୍ଟ ପ୍ରଦେଶରେ ଜନ୍ମ ଗ୍ରହଣ କଲେ ମଧ୍ୟ ତାଙ୍କୁ ସେହି ଦେଶକାଳଗଣ୍ଡିରେ ଆବଦ୍ଧ ରଖାଯାଏନି । ଯେପରି ସୂର୍ଯ୍ୟ ପୂର୍ବ ଦିଗର ଜାପାନରେ ଉଦିତ ହୋଇ ଚୀନ ବ୍ରହ୍ମଦେଶ ଓ ଭାରତରେ ଆଲୋକ ପ୍ରଦାନ କରି ପୃଥିବୀର ଅପରପାରରେ ଅସ୍ତ ହୁଏ । ସେହିପରି ସାଧୁଙ୍କ ବାଣୀ ସମସ୍ତଙ୍କ ପାଇଁ, ହେଲେ ତିହାସ ଦୃଷ୍ଟିରୁ ତାଙ୍କ ଜୀବନୀ ଆଲୋଚନା କଲେ ତାଙ୍କ ମାତା, ପିତା, ଜନ୍ମଭୂମୀ ଓ କର୍ମଭୂମୀ ଆଦିର ବିଷୟ ରେ ଆମକୁ ଜାଣବାକୁ ପଡ଼ିବ ।

ଶ୍ରୀ କେଦାରନାଥ ଭକ୍ତି ବିନୋଦ ଠାକୁରଙ୍କର କେବଳ ଓଡ଼ିଶା ସହ ସଂପର୍କ ମାତ୍ର ଥିଲା ତା ନୁହେଁ, ସେ ଓଡ଼ିଆ, ଓଡ଼ିଶାର କେନ୍ଦ୍ରାପଡ଼ା ନିକଟ ଛୋଟି ତାଙ୍କରି ଗ୍ରାମ, ମାତ୍ର ଅବସ୍ଥାଚକ୍ରରେ ତାଙ୍କ ପିତା ଆନନ୍ଦ ଚନ୍ଦ୍ର ଦତ୍ତ ସ୍ୱଶ୍ୱଶୁରାଳୟ ନବଦ୍ୱୀପ ନିକଟ ବାରାନଗର ଉଲ୍ଲାରେ ବାସ କରୁଥିଲେ, ସେହି ଠାରେ ହିଁ ଶ୍ରୀ ଭକ୍ତବନାଦ ଠାକୁର ଜନ୍ମଲାଭ କରି, ଉଲା, କୃଷ୍ଣନଗର ଓ କଲକତାଦିରେ ବିଦ୍ୟାଶିକ୍ଷା କରିଥିଲେ । ଛୋଟିର ଜମିବାଡ଼ି ଇତ୍ୟାଦି ଆଳିରାଜା ଶ୍ରୀଭକ୍ତି ବିନୋଦଙ୍କ ପୂର୍ବ ପୁରୁଷ ଯିଏ ବୈଷ୍ଣବ ହୋଇ ଛୋଟିରେ ବାସ କରୁଥିଲେ ସେହି ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କ କୃପାପ୍ରାପ୍ତ କୃଷ୍ଣାନଂଦ ଦତ୍ତଙ୍କୁ ପ୍ରଦାନ ରିଥିବାରୁ ଛୋଟର ସେହି ଡିହ ଓ ପୋଖରୀ ରାଜାଘର ଓ ଉଆସ ପୋଖରୀ ଭାବେ ପରିଚିତ ଥିଲା ।

ଶ୍ରୀ ଭକ୍ତିବିନୋଦଙ୍କ ମାମୁଁଘର (ଉଲ୍ଲା)ରେ କିନ୍ତୁ ଦୁର୍ଗାପଜା ଧୂମଧାମ ହୁଏ, ସେମାନେ ଶାକ୍ତ ଥିଲେ ଏଣୁ ଶ୍ରୀଭକ୍ତିବିନୋଦଙ୍କୁ ଦୈତ୍ୟ କୂଳର ପ୍ରହ୍ଲାଦ ବୋଲି କୁହାଯାଏ । ଯୌବନରେ ଅସୁସ୍ଥ ହେବା ଯୋଗୁ ଜଣେ ଫକୀରଙ୍କ ପରାମର୍ଶରେ ସେ ମାଂସାଦି ତ୍ୟାଗକରି ସୁସ୍ଥ ହୋଇ ଶ୍ରୀକୃଷ୍ଣଙ୍କ ପ୍ରତି ଆକୃଷ୍ଟ ହୁଅନ୍ତ । ହେଲେ ମଧ୍ୟ ପିଲାଦିନୁତାଙ୍କର ରାମ ନାମ ପ୍ରତ ପ୍ରୀତିଥିଲା ଏସବୁ ସେ ନିଜ ଆତ୍ମ ଜୀବନୀରେ ଲେଖିଛନ୍ତି ।

କଥା ହେଲା ଉଲ୍ଲାରେ ଭୀଷଣ ମହାମାରୀ ହେଲା । ଗାଁ ପଦା ହୋଇଗଲା, ଶବସବୁ ପଡ଼ରହିଥାଏ, ଉଠାଇବାକୁ କେହି ନାହାନ୍ତି । ଏପରିକି ଶ୍ରୀଭକ୍ତି ବିନୋଦଙ୍କର ଦୁଇଭାଇ ଓ ଅନ୍ୟ କେତେକ ସ୍ୱଜନ ମଧ୍ୟ ସେପାରିକୁ ଚାଲିଗଲେ । ଏସବୁ ଶ୍ରୀଭକ୍ତି ବିନୋଦଙ୍କୁ ଦାରୁଣ ଦୁଃଖ ଦେଲା ଏବଂ ତାଙ୍କୁ ଅନେକ ପରାମର୍ଶ ଦେଲେ ଯେ ସେ ଉଲ୍ଲା ଛାଡ଼ି ଚାଲି ଯାଆନ୍ତୁ । ପରେ ସେ କଲିକତା ଆସି ପଡ଼ିଲେ । ମାତ୍ର ଘୋର ଅନାଟନ ତାଙ୍କୁ ବିବ୍ରତ କଲା କଣ କରିବେ ସେ ? ଏଣୁ ତାଙ୍କର ମା ଓ ସ୍ତ୍ରୀ ଆଦିଙ୍କ ଧରି ସେ ନିଜ ଗାଁ ଓଡ଼ିଶାର କେନ୍ଦ୍ରାପଡ଼ାକୁ ୧୮୫୮ରେ ବହୁ କଷ୍ଟରେ ଚାଲିଚାଲି ଆସନ୍ତି । ଉଦ୍ଦେଶ୍ୟ ଚାକିରୀ । ବଙ୍ଗଦେଶର ପ୍ରସିଦ୍ଧ ଶିକ୍ଷାବିତ୍ ଓ ଶ୍ରୀଭକ୍ତିବିନୋଦଙ୍କ ଶିକ୍ଷକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଠାରୁ ଖଣ୍ଡିଏ ଚିଠି ନେଇ ସେ ଓଡ଼ିଶାରେ ତତ୍‌କାଳୀନ ସ୍କୁଲ ଇନସ୍‌ପେକ୍ଟରଙ୍କ ପାଖକୁ ଗଲେ । ଗାଁ ଛୋଟିକୁ ଜେଜେ ଦୈବଜ୍ଞପୁରୁଷ ରାଜବଲ୍ଲଭ ଦତ୍ତଙ୍କୁ ଭେଟିବାରୁ ସେ ତାଙ୍କୁ ଆଶୀର୍ବାଦ କରି କହିଲେ ୨୭ ବର୍ଷରେ ତୁମର ବଡ଼ଚାକିରୀ

ହେବ ଏବଂ ତୁମେ ଜଣେ ବଡ଼ ବୈଷ୍ଣବ ହେବ ଏହି ଆଶୀର୍ବାଦ କରି ରାରଜବଲ୍ଲଭ ସ୍ୱଧାମ ଗମନ କରନ୍ତି । ଶ୍ରୀ ଭକ୍ତିବିନୋଦଙ୍କ ପିତାଙ୍କ ନାମ ଥିଲା ଆନନ୍ଦ ଚନ୍ଦ୍ର ଦତ୍ତ ଓ ମାଁ ଙ୍କ ନାମ ଜଗନ୍ମୋହିନୀ । ସେ ତାଙ୍କ ଆତ୍ମ ଜୀବନୀରେ ୨/୩ ଥର ଲେଖିଛନ୍ତି ତାଙ୍କର ଅଙ୍କ ହୁଏନି । ମାତ୍ର ଇଂରାଜୀରେ ତାଙ୍କର ଗଭୀର ଜ୍ଞାନ ଥିବାରୁ କଲିକତାରେ ବହୁ ସାହେବମାନଙ୍କ ସହ ଆଲୋଚନା କରନ୍ତି । ଇଂରାଜୀରେ ପେରିଅଡ଼ କାବ୍ୟ ରଚନା ଏବଂ ଭାଷଣ ଦେଇ ସେ ସାହେବମାନଙ୍କୁ ଚକିତ କରିଦେଉଥିଲେ । ହେଲେ ଘୋର ଆର୍ଥିକ ଅସୁବିଧା ଯୋଗୁ ସେ ନିଜର ପରିଚୟ ଦେଉନଥିଲେ ସମସ୍ତେ ଜାଣିଥିଲେ ଯେ ଇଏ ବଡ଼ଧନୀ ଘରର ପୁଅ ।

ସେ ବଙ୍ଗଭାଷାରେ ନିଜର ଗୋଟିଏ ଆତ୍ମଜୀବନୀ ଲେଖିଥିଲେ, ଏଇ ଲେଖକ ବହୁ ଚେଷ୍ଟା କରି ମଧ୍ୟ ତାହା ପାଇଲା ନାହିଁ । କିନ୍ତୁ ମୋର ସତୀର୍ଥ ଗୁରୁଭ୍ରାତା ଶ୍ରୀପାଦ୍ କ୍ଷତିଶେଖର ପ୍ରଭୁଙ୍କ ପୁତ୍ର ରାଘବ ପ୍ରଭୁ ଶ୍ରୀଭକ୍ତି ବିନେଦାଙ୍କ ଆତ୍ମଜୀବନୀର ଏକ ଜିରେକ୍ସ କପି ସଂଗ୍ରହ କରି ମୋତେ ଦେଲେ ଯେଉଁଥିରେ ଆରମ୍ଭରୁ ୪୧ ପୃଷ୍ଠା ଓ ଶେଷରୁ କିଛି ଅଂଶ ନାହିଁ । ଏହି ଆତ୍ମଜୀବନୀରୁ ତାଙ୍କ ବିଷୟରେ ଅନେକ କଥା ଜଣାପଡ଼େ । ଏହାର ପୂର୍ଣ୍ଣାଙ୍ଗ ଶ୍ରୀ ଭକ୍ତି ବିନୋଦ ଧାରାନୁଗ ବୈଷ୍ଣବଙ୍କ ଦ୍ୱାରା ସୁସଂଗୃହିତ ହୋଇ ଓଡ଼ିଆରେ ପ୍ରକାଶ ପାଇଲେ ଭଲ ହୁଅନ୍ତା । ପ୍ରୋକ୍ତ ପ୍ରବନ୍ଧରେ ମୋର ଉପସ୍ଥାପନ କରିବା କଥା ହେଉଛି ଛୋଟି ତାଙ୍କ ଗାଁ ଏବଂ ଓଡ଼ିଶା ସହ ତାଙ୍କର ସମ୍ପର୍କ ।

ଏଠାରେ ପ୍ରକାଶ୍ୟ ଯେ ବ୍ରିଟିଶ ମାନେ ଓଡ଼ିଶାର ବହୁ ସ୍ଥାନରେ ପ୍ରଥମେ ପ୍ରବେଶାର୍ଥେ ଚେଷ୍ଟା କଲା ବେଳେ ଓଡ଼ିଆମାନେ ତାଙ୍କୁ ବାଧା ଦେଇଥିଲେ ଇଂରେଜମାନେ ପ୍ରଥମେ ବଙ୍ଗଳାରେ ପ୍ରବେଶ କଲେ, ସେଠାରେ ସ୍କୁଲ, କଲେଜ ଆଗ ହେଲା ଏବଂ ପ୍ରେସ ଆଦି ହୋଇ ପୁସ୍ତକ ପ୍ରକାଶ ପାଇବାରେ ବଙ୍ଗୀୟମାନେ ଶିକ୍ଷିତ ହୋଇ ଓଡ଼ିଶାରେ ବଡ଼ ବଡ଼ ଅଫିସର, ଅଧ୍ୟାପକ ଆଦି ହେଲେ ଏବଂ ଏ ସମୟରେ ପ୍ରାଚୀନ ଓଡ଼ିଆ ଭାଷା ପରିବର୍ତ୍ତେ ଓଡ଼ିଶାରେ ବଙ୍ଗ ଭାଷା ମଧ୍ୟ ପଠନ କରାଯିବାର ବ୍ୟବସ୍ଥା କରାଗଲା ।ଅବଶ୍ୟ ପରେ ଜନ୍ ବିମ୍ସ ସାହେବ ଓ ଅନ୍ୟ କେତେକ ଉତ୍କଳୀୟଙ୍କ ଚେଷ୍ଟାରେ ଓଡ଼ିଆ ଭାଷା ଶିକ୍ଷାଦି ପୂର୍ବ ପରି ଉଜ୍ଜୀବିତ ରହିଲା । ଏହା ଉଲ୍ଲେଖ କରିବାର କାରଣ ଶ୍ରୀଭକ୍ତି ବିନୋଦ ଠାକୁର ଓ ନେତାଜୀ ସୁଭାଷ ବୋଷ ଉତ୍କଳୀୟ ହେଲେ ମଧ୍ୟ ଓଡ଼ିଆ କହି ନ ପାରି ବଙ୍ଗଳା ଓ ଇଂରାଜୀରେ କହୁଥିଲେ । ଅବଶ୍ୟ ନେତାଜୀ ସୁଭାଷ ଚନ୍ଦ୍ର ଉତ୍କଳମଣି ଗୋପବନ୍ଧୁଙ୍କୁ ଚିଠି ଲେଖିଥିଲେ ତାଙ୍କୁ ଗୋଟିଏ ତ୍ରିଭାଷୀ ଏବଂଓଡ଼ିଆ ବର୍ଣ୍ଣବୋଧ ଦେଲେ ସେ ଓଡ଼ିଆ ଶିକ୍ଷା କରିବେ ।

ଯାହା ହେଉ ସ୍ୱାମୀ ବିବେକାନନ୍ଦ ସେ ସମୟରେ ଉଚ୍ଚଶିକ୍ଷିତ ହୋଇଥିଲେ ବି ତାଙ୍କୁ ଚାକିରୀଟିଏ ନ ମିଳିବାରୁ ସେ ନାସ୍ତିକ ହୋଇ ଯାଉଥିଲେ ମାତ୍ର ଶ୍ରୀ ରାମକୃଷ୍ଣ (ତାଙ୍କ ଗୁରୁଦେବ)ଙ୍କ କୃପାରୁ ସେ ପରେ ଈଶ୍ୱର ବିଶ୍ୱାସୀ ହୋଇ ଜଣେ ମହାନ୍ ସନ୍ଥ ଭାବେ ପରିଚିତ ହେଲେ । ସେହପରି ଘୋର ଅନାଟନ ପରିସ୍ଥିତିରେ ଶ୍ରୀ ଭକ୍ତି ବିନୋଦ ଠାକୁର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କଠାରୁ ଚିଠିଟିଏ ଆଣି ଓଡ଼ିଶା ଏବଂ ନିଜ ଅଞ୍ଚଳ କେନ୍ଦ୍ରାପଡ଼ାରେ ହିଁ ପ୍ରଥମେ ଶିକ୍ଷକ ଚାକିରୀଟିଏ ପାଇଥିଲେ। ଓଡ଼ିଶାରେ ତାଙ୍କ ଚାକିରୀ ବିଷୟ ଯାହା ତାଙ୍କ ନିଜ ଆତ୍ମ ଜୀବନୀରେ ଲେଖିଛନ୍ତି ତାହା ଉଲ୍ଲେଖ କରିବା ପୂର୍ବରୁ ତାଙ୍କ ଗାଁ ଯେ ଛୋଟି ଏ ବିଷୟରେ ତାଙ୍କ ଆତ୍ମ ଜୀବନରୁ ଦୁଇଟି ପଂକ୍ତି ଉଦ୍ଧାର କରୁଛି । ତାଙ୍କ ଆତ୍ମ ଜୀବନୀର ୯୦ ପୃଷ୍ଠାର ଶେଷ ଭାଗକୁ ସେ ଲେଖିଛନ୍ତି" ଛୋଟି ଗ୍ରାମରେ ଆମର ୬/୭ଟି ବଡ଼ ବଡ଼

ଚାଳଘର ତା ମଧ୍ୟରୁ ଗୋଟିଏରେ ଠାକୁର ରାଧାମାଧବ ଓ ଜଗନ୍ନାଥଙ୍କ ସେବା ଥିଲା । ଘର ପଛ ପଟେ ଉଆସ ପୋଖରୀ, ଚତୁର୍ଦ୍ଦିଗରେ କଣ୍ଟା କଣ୍ଟା ବାଉଁଶ ଘେରା ଗଡ଼ । ଆମର ଆହାର କୌଣସି ଅସୁବିଧା ନ ଥିଲା । ସେଠାରେ ଆଳି ରାଜାଙ୍କ ଅଧିକାର । ରାଜାଙ୍କ ପ୍ରଭାବ ଭାରି । × × × ଆମର ଆମ ଜାଗାର ସାତ (୭)ଅଣା ଅଂଶୀଦାର ଥିବା ଆନନ୍ଦ ରାୟ ବଡ଼ ହାରାମଜାଦା ଲୋକ ଥିଲା ।" ଏଣୁ ପରେ ଗାଁରେ (ଛୋଟି) କିଛି ଅସୁବିଧା ହେବାର ସେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ରୋୟାର ସାହେବଙ୍କ ଚିଠି ନେଇ କେନ୍ଦ୍ରାପଡ଼ା ଶିବପ୍ରସାଦ ସିହଂହଙ୍କ ପାଖକୁ ଗଲେ । "ଶିବ ପ୍ରସାଦ କେନ୍ଦ୍ରାପଡ଼ାରେ, ଗୋଟିଏ ଇଂରାଜୀ ସ୍କୁଲ ସ୍ଥାପନ କରି ମୋତେ ମାଷ୍ଟର କଲେ । (ଆତ୍ମଜୀବନୀ ୯୧ ପୃଷ୍ଠା) ।

"ମାତା ଠାକୁରାଣୀ ସୁବାସିଂହଙ୍କୁ ଛୋଟି ମଙ୍ଗଳପୁର ପଠାଇଲେ । ଛୋଟି ମଙ୍ଗଳପୁର ଘରେ ମାଟି ଖୋଳୁ, ଖୋଳୁ ଏକ ହାଣ୍ଡି ସୁନା ମୋହର ଓ କଙ୍କଣ ମିଳିଲା । × × × ।" (ଆତ୍ମଜୀବନୀ ୫୫ ପୃଷ୍ଠା) ଏହିପରି ଠାକୁର ତାଙ୍କ ଆତ୍ମ ଜୀବନୀ ରେ ୩ /୪ ଥର ଛୋଟି କଥା ଲେଖିବା ସହ ତାଙ୍କ ଆରାଧ ଶ୍ରୀରାମଧାମାଧବ ଓ ଜଗନ୍ନାଥ ବିଗ୍ରହଙ୍କ କଥା ଲେଖିଛନ୍ତି । ରାଧାମାଧବଙ୍କୁ ଡଃ ଫକୀର ମୋହନ ଦାସ ଉଦ୍ଧାର କରି କେନ୍ଦ୍ରାପଡ଼ା ତାଙ୍କ ଦ୍ୱାରା ଓ ଅଧାପିକା ଶାନ୍ତି କରଙ୍କ ମିଳିତ ଉଦ୍ୟମରେ ନିର୍ମିତ ଗୃହରେ ରଖି ଥିଲେ । ପରେ ବିଦେଶୀମାନେ ବିଗ୍ରହଙ୍କୁ ବୃନ୍ଦାବନାଦି ବୁଲାଇଲେ ଏବେ ସେହି ରାଧାମାଧବ ବିଗ୍ରହ ଇସ୍କନର ଜଣେ ବୈଷ୍ଣବଙ୍କ ପାଖେ ପଟ୍ଟାମୁଣ୍ଡାଇରେ ଅଛନ୍ତି ବୋଲି ଶୁଣା ହୋଇଛି ।

କେନ୍ଦ୍ରାପଡ଼ାରେ ଶ୍ରୀଳ ଠାକୁର ପ୍ରଥମ ଶିକ୍ଷକ ଜୀବନ ଆରମ୍ଭ କରନ୍ତି ତାପରେ କଟକ ସ୍କୁଲ (ବର୍ତ୍ତମାନର ରେଭେନ୍ସା କଲେଜିଏଟ୍ ସ୍କୁଲ)ରେ ଟ.୨୦/- ବେତନରେ ୬ଷ୍ଠ ଶିକ୍ଷକ ଭାବେ ଯୋଗ ଦେଇ ପରିବାର ସହ ସାହେବ ଜାଦା ବଜାରରେ ଭଡ଼ା ରହିଥିଲେ । କଟକରେ ଯଥେଷ୍ଟ ସୁଖ ଥିଲା ବୋଲି ସେ ଲେଖିଛନ୍ତି । ପରେ ଭକ୍ତମଧୁଙ୍କ ଆମନ୍ତ୍ରଣରେ ସେ ଟାଉନ ଭିକ୍ଟୋରିଆ ସ୍କୁଲ (ବର୍ତ୍ତମାନ ଭକ୍ତ ମଧୁ ବିଦ୍ୟାପୀଠ)ରେ କିଛି ଦିନ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ । ୧୮୬୦ ମାର୍ଚ୍ଚ ୧୬ରେ କଟକ ସ୍କୁଲ ଛାଡ଼ି ସେ ଭଦ୍ରକ ହାଇସ୍କୁଲର ପ୍ରଧାନ ଶିକ୍ଷକ ହୋଇଥିଲେ । ଶ୍ରୀଳ ଠାକୁର ପ୍ରଥମେ ବାଲ୍ୟରେ ସାୟାମଣିଙ୍କୁ ଏବଂ ପେର ଭଗବତୀ ଦେବୀଙ୍କୁ ବିବାହ କରିଥିଲେ । ଭଦ୍ରକରେ ତାଙ୍କର ପ୍ରଥମ ପୁତ୍ରର ଜନ୍ମ ହୁଏ ଏବଂଠାକୁରଙ୍କର ମେଦନୀପୁର ସ୍କୁଲୁ ବଦଳି ହୁଏ । ଏହାପରେ ଶ୍ରୀଳ ଠାକୁର ବଙ୍ଗଳାରେ ସବ୍‌ରେଜିଷ୍ଟ୍ରାର ଓ ଡେପୁଟି କଲେକ୍ଟର ଆଦି ପଦବୀରେ କାର୍ଯ୍ୟ କରନ୍ତି । ବଙ୍ଗ ଦେଶର ଏ ଦୁଇ ଜଣ କେଦାରନାଥ ଭକ୍ତି ବିନୋଦ ଓ ବଙ୍କିମ ଚନ୍ଦ୍ର ଡେପୁଟୀ କଲେକ୍ଟର ଥିଲେ । ବରାସତ୍‌ରେ ଶ୍ରୀଠାକୁର, ବଙ୍କିମଚନ୍ଦ୍ରଙ୍କଠୁ ଚାର୍ଜ ନେଇଥିଲେ । ଏ ଦୁଇ ଜଣ କବି ବଙ୍କିମଚନ୍ଦ୍ରଙ୍କ ଲିଖିତ ଆନନ୍ଦମଠ ପଶ୍ଚିମବଙ୍ଗରେ ବେଶ ଆଦୃତ ହୋଇଥିଲା । ସେ କବି ଭାବେ ଏବଂ ଭକ୍ତିବିନୋଦନ ଠାକୁର ବୈଷ୍ଣବ କବି ଭାବେ ପ୍ରସିଦ୍ଧି ଲାଭ କଲେ ।